### ଗୋଟିଏ ଦିନରେ ୪ ମୃତଦେହ ଉଦ୍ଧାର ଘଟଣା

# ତିନିଦିନ ପରେ ବି ସ୍ପଷ୍ଟ ହୋଇନାହିଁ ମାମଲା

ବଲାଙ୍ଗିର, ୧।୪(ସମିସ)

ବଲାଙ୍ଗିର ଜିଲ୍ଲା ମୁରିବାହାଲ ଥାନା ଅଞ୍ଚଳରେ ଗୋଟିଏ ଦିନରେ ଚାରୋଟି ମୃତଦେହ ଉଦ୍ଧାର ଘଟଣାକୁ ତିନିଦିନ ବିତି ଯାଇଥିଲେ ମଧ୍ୟ ଘଟଣା ଉପରୁ ପରଦା ହଟି ପାରୁନାହିଁ। ଗୁଡ଼ିଘାଟ ଗାଁରେ ଦମ୍ପତିଙ୍କ ସନ୍ଦେହଜନକ ମୃତ୍ୟୁ ଓ ସେମେଲପାଲି ଗାଁରେ ପ୍ରେମୀ ଯୁଗଳଙ୍କ ମୃତ୍ୟୁ ଘଟଣା ଏବେ ବି ଅସ୍ପଷ୍ଟ ରହିଛି। ହତ୍ୟା ନା ଆତ୍ମହତ୍ୟା ତାହା ସ୍ପଷ୍ଟ ହୋଇନଥିବା ବେଳେ ବ୍ୟବଚ୍ଛେଦ ରିପୋର୍ଟ ଉପରେ ହିଁ ମାମଲାର ଦିଗ ନିର୍ଭର କରୁଥିବା ପୁଲିସ ସୂତ୍ରରୁ ଜଣାପଡ଼ିଛି। ଅନ୍ୟପକ୍ଷରେ ଯଦିଓ ପ୍ରେମୀଯୁଗଳ ମୃତ୍ୟୁ ଘଟଣାରେ ଯୁବତୀଙ୍କ ପରିବାର ଲୋକ ହତ୍ୟା ଅଭିଯୋଗ ଆଣିଛନ୍ତି ତଥାପି ଏହି ଘଟଣାକୁ ନେଇ ଅନେକ ପ୍ରଶ୍ନ ଉଠିଛି। ତେବେ ଏହି ମୃତଦେହ ଉଦ୍ଧାର ଘଟଣାକୁ ପ୍ରାୟ ତିନି ଦିନ ବିତିଯାଇଥିବାବେଳେ କିଛି ସ୍ପଷ୍ଟ ସୂଚନା ନ ମିଳିବା ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ାଇଥିବା ଦେଖିବାକୁ ମିଳିଛି।

ବଲାଙ୍ଗିର ଜିଲ୍ଲା ମୁରିବାହାଲ ଥାନା ଅଧୀନ ସେମେଲପାଲି ଗାଁରେ ରବିବାର ଘରଭିତରୁ ପ୍ରେମୀ ଯୁଗଳଙ୍କ ମୃତଦେହ ଉଦ୍ଧାର ହୋଇଥିଲା। ସେମାନେ ହେଲେ ଅରବିନ୍ଦ ନାଗ ଓ ସଂଯୁକ୍ତା ନାଗ। ଉଭୟ ଗୋଟିଏ ଗାଁର ହୋଇଥିବା ବେଳେ ଉଭୟଙ୍କ ମଧ୍ୟରେ ପାରିବାରିକ ସମ୍ପର୍କ ରହିଛି। ତଥାପି ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ରହିଥିଲା ଓ ଦିନକ ପୂର୍ବରୁ ମୃତା ସଂଯୁକ୍ତା ନିଖୋଜ ଥିବା ତାଙ୍କ ବାପା ଥାନାରେ ଅଭିଯୋଗ କରିଥିଲେ। ଉଭୟ ସଂଯୁକ୍ତା ଓ ଅରବିନ୍ଦଙ୍କ ମୃତଦେହ ଅରବିନ୍ଦଙ୍କ ଘରୁ ପୁଲିସ ଜବତ କରିବାପରେ ଘଟଣାକୁ ନେଇ ସନ୍ଦେହ ସୃଷ୍ଟି ହୋଇଥିଲା। ପରିବାରଲୋକ ଉଭୟଙ୍କ ସମ୍ପର୍କକୁ ଆଗକୁ ବଢ଼ାଇବା ପାଇଁ ଚାହୁଁ ନ ଥିବାବେଳେ ମୃତଦେହ ମିଳିବାପରେ ସଂଯୁକ୍ତାଙ୍କ ଘରଲୋକ ହତ୍ୟା ଅଭିଯୋଗ ଆଣିଥିଲେ। ତେବେ ପୁଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଉଭୟ ଆତ୍ମହତ୍ୟା କରିଛନ୍ତି। କିନ୍ତୁ ପୁଲିସ ଆସିବା ପୂର୍ବରୁ ଉଭୟଙ୍କ ମୃତଦେହକୁ ପରିବାର ଲୋକ ଓହ୍ଲାଇଦେଇ ଥିଲେ। ବେକରେ ଯଦିଓ ଦାଗ ଥିଲା ତଥାପି ତାଙ୍କ ମୁହଁରେ ରକ୍ତ ଲାଗିଥିବା ଦେଖିବାକୁ ମିଳିଥିଲା। ଯାହାକୁ ନେଇ ମୃତ ଯୁବତୀଙ୍କ ପରିବାରଲୋକ ହତ୍ୟା କରାଯାଇଥିବା ନେଇ ଅଭିଯୋଗ କରିଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ସେହିଦିନ ଗୁଡ଼ିଘାଟ ଗାଁର ଡାକ୍ତର ମାଝୀଙ୍କ ଘରୁ ତାଙ୍କର ଓ ସ୍ତ୍ରୀ ଭାନୁମତୀ ମାଝୀଙ୍କ ମୃତଦେହ ଉଦ୍ଧାର ହୋଇଥିଲା। ସ୍ୱାମୀ ଖଟରେ ଓ ସ୍ତ୍ରୀର ମୃତଦେହ ତଳେ ପଡ଼ିଥିଲା। ସୂଚନାପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚିବା ପରେ ତଦନ୍ତ ଆରମ୍ଭ କରିଥିଲା। ତେବେ ସ୍ୱାମୀ ବେକରେ ଦଉଡ଼ି ଲଗାଇ ଆତ୍ମହତ୍ୟା କରିଥିବା ବେଳେ ସ୍ତ୍ରୀଙ୍କ ମୃତ୍ୟୁ କେମିତି ହେଲା ତାହା ସ୍ପଷ୍ଟ ହୋଇନାହିଁ। ଘଟଣାସ୍ଥଳରେ ପୁଲିସ ଦଉଡି ଜବତ କରିଥିବା ବେଳେ ସେହିଭଳି କିଛି ବିଷ ସାମଗ୍ରୀ ପୁଲିସ ପାଇନାହିଁ। ତେବେ ଭାନୁମତୀଙ୍କ ମୃତ୍ୟୁ କେମିତିହେଲା ତାହା ପୁଲିସ ସ୍ପଷ୍ଟ କରିନାହିଁ। ଅନ୍ୟପକ୍ଷରେ ଉଭୟଙ୍କ ବିବାହକୁ ୫ ବର୍ଷ ହୋଇଥିବା ସତ୍ତ୍ୱେ ତାଙ୍କର କୌଣସି ସନ୍ତାନ ସନ୍ତତି ନ ଥିଲେ। ଯାହାକୁ ନେଇ ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ଲାଗି ରହିଥିବା ଜଣାପଡ଼ିଛି। ତେବେ ଗୋଟିଏ ଦିନରେ ଚାରୋଟି ମୃତଦେହ ସନ୍ଦେହଜନକ ଅବସ୍ଥାରେ ଗୋଟିଏ ଥାନା ଅଞ୍ଚଳରୁ ଜବତ ହେବା ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ। ଘଟଣାକୁ ତିନି ଦିନ ବିତିଥିବାବେଳେ ଏହି ଘଟଣା ହତ୍ୟା ନା ଆତ୍ମହତ୍ୟା ତାହା ଶୀଘ୍ରସ୍ପଷ୍ଟ କରିବା ପାଇଁ ଦାବି ହୋଇଛି। ଏନେଇ ମୁରିବାହାଲ ଥାନା ଅଧିକାରୀ ସିପୋରା ସରାୟା ଲୁଗୁନଙ୍କୁ ପଚାରିବାରୁ ଉଭୟ ଘଟଣାର ତଦନ୍ତ ଚାଲିଛି। ସମସ୍ତ ମୃତକଙ୍କ ବ୍ୟବଚ୍ଛେଦ କରାଯାଇଥିବା ବେଳେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସ୍ପଷ୍ଟ ହେବ ବୋଲି କହିଥିଲେ। ତେବେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଏଥିପ୍ରତି ଦୃଷ୍ଟିଦେଇ ପଦକ୍ଷେପ ଗ୍ରହଣ କରିବା ପାଇଁ ଦାବି ହୋଇଛି।

**● ବ୍ୟବଚ୍ଛେଦ ରିପୋର୍ଟରେ ଅଟକିଛି ପୁଲିସ ତଦନ୍ତ**

## 'ଆଇ ଲଭ୍ ବଙ୍ଗୋମୁଣ୍ଡା' ସେଲ୍ଫି ପଏଣ୍ଟ ଉଦ୍‌ଘାଟିତ



ବଙ୍ଗୋମୁଣ୍ଡା, ୧।୪(ସମିସ): ଓଡ଼ିଶା ଦିବସ ଉପଲକ୍ଷେ ବଲାଙ୍ଗିର ଜିଲ୍ଲା ବଙ୍ଗୋମୁଣ୍ଡା -କଣ୍ଟାବାଞ୍ଜି ୪୨ ନମ୍ବର ରାଜ୍ୟ ରାଜପଥ ପାର୍ଶ୍ୱରେ ବଙ୍ଗୋମୁଣ୍ଡା ଅଞ୍ଚଳବାସୀଙ୍କ ପାଇଁ ସେଲ୍ଫି ପଏଣ୍ଟ ଉଦ୍‌ଘାଟିତ ହୋଇଛି। ବଙ୍ଗୋମୁଣ୍ଡା ଜୋନ୍‌ର ଜିଲ୍ଲା ପରିଷଦ ସଦସ୍ୟ ଓମ୍ ପ୍ରକାଶ କୁମ୍ଭାରଙ୍କ ନେତୃତ୍ୱରେ ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ ପୂର୍ବତନ କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜା ଯୋଗ ଦେଇ ସେଲ୍ଫି ପଏଣ୍ଟକୁ ଉଦ୍‌ଘାଟନ କରିଥିଲେ। ଜିଲ୍ଲା ପରିଷଦ ସଦସ୍ୟଙ୍କ ପାଣ୍ଠିରୁ ସେଲ୍ଫି ପଏଣ୍ଟ ନିର୍ମିତ ହୋଇଛି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଉପାଧ୍ୟକ୍ଷ କେଶବ ନାରାୟଣ ଜୈନ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ତଥା କଂଗ୍ରେସ ବ୍ଲକ ସଭାପତି ଗୁରୁଚରଣ ବେହେରା, ସଞ୍ଜୟ ବେହେରା, ବିରଞ୍ଚି ବାଗ, ସାଧୁ ମେହେର, ଆନନ୍ଦ ଜୈନ, ପୂର୍ବତନ ସରପଞ୍ଚ ସୁଶାନ୍ତ ଯୋଶୀ, କାହ୍ନା ଅଗ୍ରୱାଲ, ଡୋଳାମଣି ତାଣ୍ଡି, ରାଧାମୋହନ ବେହେରା, ଭାଗ୍ୟ ହିଆଁଲ, ଯୁବ ଆଇନଜୀବୀ ହେମନ୍ତ ନାଏକ, ନାଡୋ ଶର୍ମା, ଶ୍ରୀକର ମାଝୀ, କାହ୍ନା ଅଗ୍ରୱାଲ, ପ୍ରମୁଖଙ୍କ ସହ ଅନ୍ୟମାନେ ସାମିଲ ହୋଇଥିଲେ।

## କୋଶଳ ସପକ୍ଷବାଦୀ ଅଟକ

ବଲାଙ୍ଗିର, ୧।୪(ସମିସ): ଏପ୍ରିଲ ୧ ତାରିଖ ଦିନ ଓଡ଼ିଶା ଦିବସ ପାଳନ କରାଯାଉଥିବାବେଳେ ପଶ୍ଚିମ ଓଡ଼ିଶାର କୋଶଳ ରାଜ୍ୟ ସପକ୍ଷବାଦୀମାନଙ୍କୁ ବହୁଳ ମାତ୍ରାରେ ଗିରଫ କରି ଥାନାରେ ଅଟକ ରଖିବା ଘଟଣା ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ବଲାଙ୍ଗିର ଜିଲ୍ଲାର ବିଭିନ୍ନ ସ୍ଥାନରେ କୋସଲବାଦୀ ନେତୃବୃନ୍ଦ ଓ କର୍ମୀମାନଙ୍କୁ ଗିରଫ କରାଯାଇଛି। ବଲାଙ୍ଗିର ଟାଉନ ଥାନାରେ ୫ ଜଣଙ୍କୁ ଅଟକ ରଖାଯାଇଥିବାବେଳେ ସେହିଭଳି ବେଲପଡ଼ା ଥାନାରେ ୧୫ ଜଣ, ତୁଷୁରା ଥାନାରେ ୬ ଜଣ, ମୁରିବାହାଲରେ ଜଣେ, କୋସଲ ସଂଗ୍ରାମୀଙ୍କୁ ଅଟକ ରଖାଯାଇଥିବା ସୂଚନା ମିଳିଛି। ବଲାଙ୍ଗିର ପିଆର ହାଇସ୍କୁଲ ସଭାଗୃହରେ ଜିଲ୍ଲାସ୍ତରୀୟ ଓଡ଼ିଶା ଦିବସ ପାଳନ କରାଯାଉଥିବାବେଳେ ସେଠାକୁ ବିରୋଧ କରିବାକୁ ଯାଇଥିବା ଜଣେ ବ୍ୟକ୍ତିଙ୍କୁ ମଧ୍ୟ ଅଟକ ରଖାଯାଇଥିବା ସୂଚନା ମଳିଛି।

## ୪ରେ ୧୯ ବର୍ଷରୁ କମ୍ ଫୁଟବଲ ଦଳ ପାଇଁ ଖେଳାଳି ଚୟନ

ବଲାଙ୍ଗିର, ୧।୪(ସମିସ): ଓଡ଼ିଶା ଫୁଟବଲ ସଂଘ(ଫାଓ)ତରଫରୁ ଆନ୍ତଃଜିଲ୍ଲା ୧୯ ବର୍ଷରୁ କମ୍ ଫୁଟବଲ ଚାମ୍ପିଅନସିପ୍ ଆୟୋଜନ ହେବ। ତେଣୁ ଏହି ଟୁର୍ଣ୍ଣାମେରେ ବଲାଙ୍ଗିର ଜିଲ୍ଲା ଅଂଶଗ୍ରହଣ କରିବ ବୋଲି ଆଜି ଜିଲ୍ଲା କ୍ରୀଡ଼ା ସଂସଦରେ ନିଷ୍ପତ୍ତି ନିଆଯାଇଛି। ନିଷ୍ପତ୍ତି ଅନୁଯାୟୀ ଏପ୍ରିଲ ୪ ତାରିଖ ସକାଳେ ବଲାଙ୍ଗିର ଗାନ୍ଧୀ ଷ୍ଟଡିୟମଠାରେ ଜିଲ୍ଲା ଦଳପାଇଁ ଖେଳାଳି ଚୟନ କରାଯିବ। ଆଗ୍ରହୀ ୧୯ ବର୍ଷରୁ କମ ଫୁଟବଲ ଖେଳାଳି ଉକ୍ତ ଦିନ ଠିକ ସମୟରେ ନିଜର ଜନ୍ମପ୍ରମାଣ ପତ୍ର, ଆଧାରକାର୍ଡ ଓ ପାସପୋର୍ଟ ସାଇଜ ଫଟୋ ଦୁଇଟି ଆଣି ଗାନ୍ଧୀ ଷ୍ଟଡିୟମରେ ସମ୍ପାଦକ ଶରତ ନନ୍ଦଙ୍କୁ ସାକ୍ଷାତ କରିବେ। ଖେଳାଳିମାନେ ୧୯ ବର୍ଷରୁ କମ୍ ବୟସ ଅର୍ଥାତ ସେମାନେ ୨୦୦୭ ଜାନୁୟାରୀରୁ ୨୦୦୯ ଡିସେମ୍ବର ମଧ୍ୟରେ ଜନ୍ମ ହୋଇଥିବା ଆବଶ୍ୟକ। ଚୟନ ହେବାପରେ ଖେଳାଳି ବଲାଙ୍ଗିର ଜିଲ୍ଲା ଟିମ ତରଫରୁ ଖେଳିବେ। ପୁନଶ୍ଚ ତାଙ୍କୁ ଫାଓ ଲିଗରେ ମଧ୍ୟ ଖେଳିବା ସୁଯୋଗ ମିଳିପାରିବ ବୋଲି ଜିଲ୍ଲା କ୍ରୀଡ଼ା ସଂସଦର ସାଧାରଣ ସମ୍ପାଦକ ହରିନାରାୟଣ ପୂଜାରୀ ଜଣାଇବା ସଙ୍ଗେସଙ୍ଗେ ଅଧିକ ସଂଖ୍ୟକ ଖେଳାଳି ଚୟନ ଶିବିରକୁ ଆସନ୍ତା ୪ ତାରିଖ ସକାଳ ୭ଟା ରେ ଗାନ୍ଧୀ ଷ୍ଟାଡିୟମକୁ ଆସିବା ପାଇଁ ଅନୁରୋଧ କରିଛନ୍ତି।

## ସମଲେଇ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼



ତୁଷୁରା, ୧।୪( ସମିସ): ମା' ସମଲେଇଙ୍କ ପୀଠ ବଲାଙ୍ଗିର ଜିଲ୍ଲା ତୁଷୁରାରେ ଚୈତ୍ରପର୍ବ ଅନୁଷ୍ଠିତ ହୋଇଯାଇଛି। ତୁଷୁରାର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀଙ୍କ ଚୈତ୍ରଯାତ୍ରାରେ ସମଲେଶ୍ୱରୀଙ୍କ ମନ୍ଦିରରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିଥିଲା। ମା' ସମଲେଇଙ୍କ ମନ୍ଦିର ଭିତରେ ପ୍ରଥମେ ପୂଜାର୍ଚ୍ଚନା ହୋଇଥିଲା। ଏହାପରେ ବରୁଆ ଦେହରେ ଆବିର୍ଭାବ ହୋଇ ମା ନିଜର ଭକ୍ତମାନଙ୍କୁ ଦର୍ଶନ ଦେଇଥିଲେ। ସମଲେଇ ପରେ ଚଣ୍ଡୀ ରୂପରେ ବଳି ଗ୍ରହଣ କରି ଭକ୍ତଙ୍କୁ ଆଶୀର୍ବାଦ କରିଥିଲେ।

### ଜେଇଙ୍କୁ ଆକ୍ରମଣ ଘଟଣା

# ବୁଲୁଛି ଅଭିଯୁକ୍ତ; ବଢୁଛି ଅସନ୍ତୋଷ

ବଲାଙ୍ଗିର, ୧।୪(ସମିସ): ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲଠାରେ କ୍ଷୁଦ୍ର ଜଳସେଚନ ବିଭାଗର ଜଣେ ଜେଇଙ୍କୁ ମରଣାନ୍ତକ ଆକ୍ରମଣ କରିବା ଘଟଣାକୁ ତିନିଦିନ ବିତିଛି। କିନ୍ତୁ ଏଯାବତ୍ ଅପରାଧୀକୁ ଧରୁନାହିଁ ପୁଲିସ। ଯାହାକୁ ନେଇ ଅସନ୍ତୋଷ ବୃଦ୍ଧି ପାଉଥିବାବେଳେ ସରକାରୀ କର୍ମଚାରୀମାନେ ଆନ୍ଦୋଳନାତ୍ମକ ପନ୍ଥା ଅପଣାଇବାକୁ ସଜବାଜ ହେଉଥିବା ସୂଚନା ମିଳିଛି।

ପ୍ରକାଶ ଯେ ଆକ୍ରମଣର ଶିକାର ହୋଇଥିବା ଜେଇ ଲୋହିତ କିଶୋର ବଳଙ୍କ ଏତଲା ଗତ ସୋମବାର ଦିନ ଟାଉନଥାନାରେ ଦାୟର ହୋଇ ମାମଲା ରୁଜୁ କରାଯାଇଛି। ଖପ୍ରାଖୋଲ ବ୍ଲକ ସାହାଜପାଣି ପଞ୍ଚାୟତର ସମିତିସଭ୍ୟ ତଥା ବିଜେପି ନେତା ଉପେନ୍ଦ୍ର ଭୋଇ, ଗୋପାଳ ନାମକ ଜଣେ ସହଯୋଗୀ ଓ ଅନ୍ୟ ଜଣେ ସହଯୋଗୀଙ୍କ ସମେତ ତିନିଜଣଙ୍କ ନାମରେ ମାମଲା ରୁଜୁ କରାଯାଇଥିବା ଜଣାପଡ଼ିଛି। ଟାଉନ ଥାନାରୁ ମାମଲା ଖପ୍ରାଖୋଲରେ ପହଞ୍ଚିବା ପରେ ଥାନା ଅଧିକାରୀ ନରେନ୍ଦ୍ର ଛତ୍ରଙ୍କୁ ଘଟଣାର ତଦନ୍ତ ଦାୟିତ୍ୱ ଦିଆଯାଇଛି। କିନ୍ତୁ ଏପର୍ଯ୍ୟନ୍ତ ଅପରାଧୀ ଧରାପଡ଼ିନାହିଁ। ଜେଇ ଲୋହିତ କିଶୋର ବଳଙ୍କ ଅଭିଯୋଗ ଯେ ଘଟଣା ଦିନ ସେ ଖପ୍ରାଖୋଲ ଥାନାକୁ ଏତଲା ଦେବାପାଇଁ ଆସିଥିବାବେଳେ ଏହି ଅଧିକାରୀ ହିଁ ତାହା ଗ୍ରହଣ କରି ନ ଥିଲେ ଏବଂ ରାଜୈତିକ ବ୍ୟକ୍ତିଙ୍କ ବିରୋଧରେ ନଯାଇ ବୁଝାମଣା କରିବାକୁ କହିଥିଲେ। ଯାହାଫଳରେ ସେ ବାଧ୍ୟ ହୋଇ ବଲାଙ୍ଗିର ଏସ୍‌ପିଙ୍କ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇଥିଲେ।

ପ୍ରକାଶ ଯେ ଗତ ୨୮ ତାରିଖ ଦିନ ଉପେନ୍ଦ୍ର ଭୋଇ ଓ ତାଙ୍କର ସହଯୋଗୀମାନେ ଜେଇଙ୍କୁ ଆକ୍ରମଣ କରିଥିଲେ। ଖପ୍ରାଖୋଲ ସେକ୍ସନର ପାଣିପଞ୍ଚାୟତର ଏକ ପ୍ରକଳ୍ପ କାମ ନକରି ମିଛ ବିଲ୍ ତିଆରି କରିଥିଲେ। ଜେଇ ତହିଁରେ ଦସ୍ତଖତ ଦେବାକୁ ମନା କରିଥିଲେ। ଫଳରେ ଉପେନ୍ଦ୍ର ଭୋଇ ଉତ୍ୟକ୍ତ ହୋଇ ଆକ୍ରମଣ କରିଥିଲେ। ଇତିମଧ୍ୟରେ ଜେଇ ଆଉ ଏକ ଚାଞ୍ଚଲ୍ୟକର ସୂଚନା ଦେଇ କହିଛନ୍ତି ଯେ ଯେଉଁ ପ୍ରକଳ୍ପର ମିଛ ବିଲକୁ ନେଇ ଏତେ କାଣ୍ଡ ହୋଇଛି ସେ ସମ୍ପର୍କିତ କୌଣସି କାମ ଉପେନ୍ଦ୍ର ଭୋଇଙ୍କୁ ଦିଆଯାଇନାହିଁ। ଏହି କାମ ଅନ୍ୟ ଜଣଙ୍କୁ ଦିଆଯାଇଥିବାବେଳେ ସେ ମିଛ ବିଲ ତିଆରି କରି ଉପେନ୍ଦ୍ରଙ୍କ ଦାଦାଗିରି ସାହାଯ୍ୟରେ ବିଲ କରାଇନେବେ ବୋଲି ଚାହିଥିଲେ। ଏହା ପୂର୍ବରୁ ମଧ୍ୟ ଉପେନ୍ଦ୍ର ପାଟଣାଗଡ଼ର ଜଣେ ପ୍ରଭାବଶାଳୀ ନେତାଙ୍କ ନାମ ନେଇ ଖପ୍ରାଖୋଲ ବ୍ଲକର ପ୍ରାୟ ସମସ୍ତ ସରକାରୀ କାର୍ଯ୍ୟାଳୟରେ ଭୟର ବାତାବରଣ ଖେଳାଇଛନ୍ତି। ଏବଂ ଏମିତି ଫଲ୍ସ ବିଲରେ ଦସ୍ତଖତ କରାଇ ସରକାରୀ ଟଙ୍କା ହଡପ କରୁଛନ୍ତି। ଯିଏ ଦସ୍ତଖତ ଦେବାକୁ ମନା କଲା ତାକୁ ମାଡପିଟ କରିବା ସହିତ ବନ୍ଧୁକ ଦେଖାଇ ଜୀବନରେ ମାରିଦେବାକୁ ଧମକ ଦେଉଥିବା ଜେଇ ଲୋହିତ କିଶୋର ବଳ ଅଭିଯୋଗ ଆଣିଛନ୍ତି। ଏ ସମ୍ପର୍କରେ ଘଟଣାର ତଦନ୍ତ ଦାୟିତ୍ୱରେ ଥିବା ଅଧିକାରୀ ତଥା ଖପ୍ରାଖୋଲ ଥାନା ଅଧିକାରୀ ନରେନ୍ଦ୍ର ଛତ୍ରଙ୍କୁ ପଚାରିବାରୁ ଖପ୍ରାଖୋଲ ଥାନାରେ ଏତଲା ରଖା ନଯିବା ଅଭିଯୋଗ ମିଛ ବୋଲି କହିଥିଲେ। ଜେଇ ଲୋହିତ କିଶୋରବଳ ତାଙ୍କ କାର୍ଯ୍ୟାଳୟରେ କାହାକୁ ଭଲ ବ୍ୟବହାର ଦେଖାଉନଥିଲେ ଏବଂ ତହିଁରୁ ଏହି ଗଣ୍ଡଗୋଳ ହୋଇଥିବା କହିଥିଲେ।

**■ ଖପ୍ରାଖୋଲ ଥାନାରେ ଏତଲା ନ ରଖିବା କଥା ମିଛ : ଥାନା ଅଧିକାରୀ**

**■ ସହଯୋଗ କରିନାହାନ୍ତି ଥାନା ଅଧିକାରୀ : ଜେଇ**

## ବ୍ରାହ୍ମଣ ସମାଜର ସାମୂହିକ ବ୍ରତୋପନୟନ



ଟିଟିଲାଗଡ଼, ୧।୪(ସମିସ): ଟିଟିଲାଗଡ଼ ବ୍ରାହ୍ମଣ ସମାଜ ପକ୍ଷରୁ ସାମୂହିକ ବ୍ରତୋପନୟନ ଅନୁଷ୍ଠିତ ହୋଇଯାଇଛି। ଏନେଇ ସୋମବାର ଚାରିକର୍ମ ସହ ଆଜି ବ୍ରତୋପନୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ୧୨ ଜଣ ବ୍ରାହ୍ମଣ ସନ୍ତାନ ଉପନୟନ ସଂସ୍କାର ଗ୍ରହଣ କରିଥିଲେ। ମୁଖ୍ୟ ଆଚାର୍ଯ୍ୟ ମନ୍ଦରଧର ଷଡ଼ଙ୍ଗୀ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଆଚାର୍ଯ୍ୟ ଶରତ ଚନ୍ଦ୍ର ମିଶ୍ର, ବିନାୟ, ରୂପକ ନାୟକ, ରାଜକିଶୋର ପୁରୋହିତ ଡୋଲାମଣି ମିଶ୍ର, ରାଜୁ ଦାଶ, ପ୍ରଦୀପ ପାଢ଼ୀ, ପ୍ରଫୁଲ୍ଲ ହୋତା, ଶୋଭାକର ପୁରୋହିତ, କାହ୍ନୁଚରଣ ମିଶ୍ର ବ୍ରତୋପନୟନ କାର୍ଯ୍ୟ ନିର୍ବାହ କରିଥିଲେ। ବ୍ରାହ୍ମଣସମାଜ ସଭାପତି ସୁବୋଧ ଦାଶ, ସମ୍ପାଦକ ସତ୍ୟବ୍ରତ ପଣ୍ଡା, ଉପସଭାପତି ରାମନାରାୟଣ ମିଶ୍ର, ଯୁଗ୍ମ ସମ୍ପାଦକ ଶୁକଦେବ ଯୋଷୀ, କୋଷାଧ୍ୟକ୍ଷ ରମାନାଥ ଖମାରୀ, କାର୍ଯ୍ୟକାରିଣୀ ସଭ୍ୟ ମୀନକେତନ ମିଶ୍ର, ମାନସ ପାଣି, ବନମାଳି ଦାଶ, ଜଗନ୍ନାଥ ପଣ୍ଡା, ରାଜୀବ ଲୋଚନ ପାଢ଼ୀ, ସୁଶିଲ ମିଶ୍ର, ଭୂପତି ମିଶ୍ର, କିଶୋର ମହାପାତ୍ର, ଅମୁଲ ପଣ୍ଡା ପ୍ରମୁଖ ବିଭିନ୍ନ ଦାୟିତ୍ୱ ନିର୍ବାହ କରିଥିଲେ।

## ବଲାଙ୍ଗିର ଜିଲ୍ଲାସ୍ତରୀୟ ଓଡ଼ିଶା ଦିବସ ପାଳିତ




ବଲାଙ୍ଗିର, ୧।୪(ସମିସ): ବଲାଙ୍ଗିର ପୃଥୀରାଜ ହାଇସ୍କୁଲ ହଲ୍‌ରେ ମଙ୍ଗଳବାର ସନ୍ଧ୍ୟାରେ ଜିଲାସ୍ତରୀୟ ଓଡ଼ିଶା ଦିବସ ପାଳିତ ହୋଇଛି। ଜିଲ୍ଲାପାଳ ଗୌରବ ଶିୱାଜୀ ଇସଲୱାର ମୁଖ୍ୟ ଅତିଥ୍ୟ ଭାବେ ଯୋଗଦେଇ ବରପୁତ୍ରମାନଙ୍କ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଆମେ ସବୁ ଭାଷାରେ ପାଣ୍ଡିତ୍ୟ ଅର୍ଜନ କରିବା ଭଲ। କିନ୍ତୁ ନିଜ ମାତୃଭାଷା' ଓଡ଼ିଆକୁ ଭଲ ପାଇବା ତଥା ତାର ସୁରକ୍ଷା ଓ ବିକାଶ ଦିଗରେ ଚେଷ୍ଟା କରିବା ବିଧେୟ ବୋଲି ମୁଖ୍ୟଅତିଥି କହିଥିଲେ। ଆଗାମୀ ଦିନରେ ଓଡିଆ ପକ୍ଷ ପାଳନ ନିମନ୍ତେ ସମସ୍ତେ ଆଗଭର ହେବା ଉଚିତ ଏବଂ ପ୍ରଶାସନ ଏହାକୁ ମହାଆଡମ୍ବର ରେ ପାଳନ କରିବା ବୋଲି ସୂଚନା ଦେଇଥିଲେ। ଜିଲ୍ଲାପାଳ କାର୍ଯ୍ୟକ୍ରମରେ ବଲାଙ୍ଗିର ତଥା ରାଜ୍ୟର ବିକାଶଧାରା ଉପରେ ଆଲୋଚନା କରି ଯୁବପିଢ଼ି, ଛାତ୍ରୀଛାତ୍ରଙ୍କୁ ପାଠପଢ଼ି ଭଲ ମଣିଷ ହେବା ପାଇଁ ପ୍ରେରଣା ଦେଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। କିସ୍ ଆବାସିକ ବିଦ୍ୟାଳୟ, ପଥରଚେପା ସ୍ଥିତ ଆଦର୍ଶ ବିଦ୍ୟାଳୟ ଏବଂ ଆଇଡିଏମ ପବ୍ଲିକ ସ୍କୁଲରର ଛାତ୍ରୀମାନେ କାର୍ଯ୍ୟକ୍ରମରେ ଓଡିଶୀ, ସମ୍ବଲପୁରୀ ନୃତ୍ୟ ସହ ଦେଶାତ୍ମବୋଧକ 'ବନ୍ଦେ ଉତ୍କଳ ଜନନୀ' ପରିବେଷଣ କରିଥିଲେ। ଏହି ଦିବସ ପାଳନ ଉପଲକ୍ଷେ ଜିଲାର ବିଭିନ୍ନ ସରକାରୀ, ବେସରକାରୀ କାର୍ଯ୍ୟାଳୟ ଓ ପ୍ରତିଷ୍ଠାନଗୁଡିକ ଆଲୋକମାଳାରେ ସଜ୍ଜିତ ହୋଇଥିଲା। ଜ୍ୟୋତି କୁମାର ସାହୁ ସଭା ପରିଚାଳନା କରିଥିଲେ।

## ଉପକାରାଗାରରେ ଓଡ଼ିଶା ଦିବସ ପାଳିତ

କଣ୍ଟାବାଞ୍ଜି, ୧।୪(ସମିସ): ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ଉପକାରାଗାରରେ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଅନ୍ତେବାସୀଙ୍କ ସହ ସ୍ୱାସ୍ଥ୍ୟ ଜୀବନକୁ ନେଇ ଆଲୋଚନା ହୋଇଥିଲା। ଜେଲର ରଘୁରାଜ ମାଝୀଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭିବେ କଣ୍ଟାବାଞ୍ଜି ଏସ୍‌ଡିପିଓ ଲକ୍ଷ୍ମୀ ନାରାୟଣ ମାରାଣ୍ଡି ସମ୍ମାନିତ ଅତିଥି, ଅଗ୍ରୱାଲ ସଭା ଟ୍ରଷ୍ଟ ସଭାପତି କୈଳାସ ଅଗ୍ରୱାଲ, କାର୍ଯ୍ୟକାରୀ ସଦସ୍ୟ ନାରାୟଣ ଅଗ୍ରୱାଲ, ବିମଲ ଜୈନ, ସମାଜସେବୀ କାନୁଚରଣ ମିଶ୍ର, ଯୋଗଗୁରୁ ଫକୀର ଦାସ ଉପସ୍ଥିତ ଥିଲେ। ସାମ୍ବାଦିକ ମୋହନ ସୋନି ପରିଚାଳନା କରିଥିଲେ। ଯୋଗ ଗୁରୁ ଶ୍ରୀ ଦାସ ଉପକାରାଗାରରେ ରହୁଥିବା ଅନ୍ତେବାସୀସହ ସୁସ୍ଥ ରହିବା ଓ ନିଜର ମନକୁ ଶାନ୍ତ ରଖିବାର ଗୁରୁମନ୍ତ୍ର ଦେବାସହ ଯୋଗ ଆସନ ଓ ଧ୍ୟାନ କରିବା ପ୍ରଣାଳି ସିଖାଇ ଥିଲେ। ସପ୍ତାହରେ ଗୋଟିଏ ଦିନ ଯୋଗ ଓ ଧ୍ୟାନର କ୍ଲାସ କରାଯିବ ବୋଲି ଜେଲର ସୂଚନା ଦେଇଛନ୍ତି।



## ହିରଣ୍ୟମୟୀଙ୍କ ପରଲୋକ

ବଲାଙ୍ଗିର, ୧।୪( ସମିସ): ପୁଇଁତଳା ବ୍ଲକ ଅଧ୍ୟକ୍ଷ ସରୋଜ କୁମାର ପ୍ରଧାନଙ୍କ ମାତା ହିରଣ୍ୟମୟୀ ପ୍ରଧାନଙ୍କ ୮୬ ବର୍ଷ ବୟସରେ ଲୋକାପଡ଼ାସ୍ଥିତ ବାସଭବନରେ ପରଲୋକ ଘଟିଛି। ମୃତ୍ୟୁଶଯ୍ୟା ନିକଟରେ ଦୁଇ ପୁଅ ଉମେଶ ଓ ସରୋଜଙ୍କ ସହ ସମସ୍ତ ଝିଅ ଜ୍ୱାଇ, ନାତି ନାତୁଣୀ ଓ ବନ୍ଧୁବାନ୍ଧବ ଉପସ୍ଥିତ ଥିଲେ। ଲୋକାପଡ଼ା ଗାଁ ଶ୍ମସାନରେ ସ୍ୱର୍ଗତ ପ୍ରଧାନଙ୍କ ଅନ୍ତିମ ସଂସ୍କାର କରାଯାଇଛି। ଶବ ସଂସ୍କାର ସମୟରେ ପୁଇଁତଳା ଅଞ୍ଚଳର ବିଶିଷ୍ଟ ବ୍ୟକ୍ତି, ରାଜନେତାଙ୍କ ସହ ବ୍ଲକସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଉପଖଣ୍ଡସ୍ତରୀୟ ଉତ୍କଳ ଦିବସ ପାଳିତ

ଟିଟିଲାଗଡ଼, ୧।୪(ସମିସ): ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଓ ଉପଖଣ୍ଡ ପ୍ରଶାସନ ତରଫରୁ ଉପଖଣ୍ଡସ୍ତରୀୟ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ଉପଜିଲ୍ଲାପାଳ ରେହାନ ଖତ୍ରିଙ୍କ ସଭାପତିତ୍ୱରେ ପୌରପରିଷଦ କଲ୍ୟାଣମଣ୍ଡପଠାରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ବିଧାୟକ ନବୀନ କୁମାର ଜୈନ, ସମ୍ମାନିୟ ଅତିଥି ଭାବେ ମମତା ଦେବୀ ଜୈନ, ପୌରପାଳିକା କାଉନସିଲର ଗୋପାଳ କୃଷ୍ଣ ବେହେରା, ସରଜ ଥନାପତି, ଯଶୋଦା ବଗର୍ତ୍ତୀ, ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ଯଶବନ୍ତ ନାରାୟଣ ପ୍ରଧାନୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ




ଚନ୍ଦ୍ରମଣି ନାଗ, ଚନ୍ଦନ କୁମାର ଶତପଥୀ ପ୍ରମୁଖ ମଞ୍ଚାସୀନ ଥିଲେ। ଓଡ଼ିଶା ଦିବସ ଅବସରରେ ଅନୁଷ୍ଠିତ ହୋଇଥିବା ପ୍ରତିଯୋଗୀତାରେ କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥି ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମକୁ କବି ଭିକାରି ଚରଣ ମିଶ୍ର ସଂଯୋଜନା କରିଥିବାବେଳେ ଚନ୍ଦ୍ରମଣି ନାଗ ଧନ୍ୟବାଦ ଅର୍ପଣ କରିଥିଲେ। ଇଶ୍ୱର ଚାନ୍ଦ ଜୈନ, ଦୀପକ ସମାଦାର, ଦିଲୀପ ନାୟକ, କଲ୍ୟାଣି ସାହୁ, ଜୟନ୍ତୀ ଜାଲ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ବିଭାଗର କର୍ମଚାରୀ କମଳାକାନ୍ତ ସାହୁ, ଯୁଧିଷ୍ଠୀର ପ୍ରଧାନୀ, ଗଣେଶ ଥେଲା ପ୍ରମୁଖ ଉପସ୍ଥିତ ଥିଲେ।

### ଟ୍ରାଫିକ୍ ପୋଷ୍ଟରେ ଲୋକଙ୍କୁ ମିଳିବ ଆଶ୍ୱସ୍ତି

# ପୌରପରିଷଦ ପକ୍ଷରୁ ସବୁଜ ଛାଉଣୀ ବ୍ୟବସ୍ଥା

ବଲାଙ୍ଗିର, ୧।୪(ସମିସ)

ବଲାଙ୍ଗିର ଜିଲ୍ଲାରେ ଗତ କିଛି ଦିନ ହେଲା ଗ୍ରୀଷ୍ମର ପ୍ରକୋପ ଦିନକୁଦିନ ବଢ଼ିବାରେ ଲାଗିଛି। ମୁଣ୍ଡଫଟାରେ ସହରରେ ଥିବା ଟ୍ରାଫିକ ପୋଷ୍ଟରେ ଲୋକମାନଙ୍କୁ ବହୁ ସମୟ ଧରି ଅଟକି ରହିବାକୁ ପଡୁଥିଲା। ଏହାର ସମାଧାନ ପାଇଁ ପୌରପରିଷଦ ନିଜଆଡୁ ଉଦ୍ୟମ ଆରମ୍ଭ କରିଛି। ସହରରେ ଥିବା ଟ୍ରାଫିକ ପୋଷ୍ଟରେ ସବୁଜ ଛାଉଣି କରାଯାଇଥିବା ଦେଖିବାକୁ ମିଳିଛି। ଯାହାକି ସିଗ୍‌ନାଲରେ ଅଟକୁଥିବା ସହରବାସୀଙ୍କୁ ଛାଇ ଦେଉଥିବାବେଳେ ଲୋକେ ଖୁସି ପ୍ରକାଶ କରିଛନ୍ତି। ବଲାଙ୍ଗିର ସହରରେ ଟ୍ରାଫିକ ସମସ୍ୟା ସବୁବେଳେ ଏକ ସମସ୍ୟା ହୋଇରହିଛି। ଗତ କିଛିବର୍ଷ ହେଲା ସହରରେ ଥିବା ପ୍ରାୟ ସମସ୍ତ ଟ୍ରାଫିକପୋଷ୍ଟକୁ ସ୍ୱୟଞ୍ଚାଳିତ କରାଯାଇଥିଲା। କିନ୍ତୁ ଏବେବି କିଛି ପୋଷ୍ଟ ରହିଛି ଯେଉଁଠି ଟ୍ରାଫିକ ପୁଲିସ କର୍ମଚାରୀ ଖରାରେ ଛିଡ଼ା ହୋଇ ଡ୍ୟୁଟି କରୁଥିବା ଦେଖିବାକୁ ମିଳିଛି। ସହରର ଡାକ୍ତରଖାନା ଛକରେ ଟ୍ରାଫିକ ବ୍ୟବସ୍ଥା ହୋଇଛି କିନ୍ତୁ ପୋଷ୍ଟର ବ୍ୟବସ୍ଥା ନାହିଁ, ଫଳରେ ପୁଲିସ କର୍ମଚାରୀ ଖରାରେ ଛିଡ଼ା ହୋଇ ଟ୍ରାଫିକ ପରିଚାଳନା କରୁଥିବା ଦେଖିବାକୁ ମିଳିଛି। ସେହିପରି ପାଟଣା ହୋଟେଲ ଛକ, କଚେରି ଛକ, ଭାଗରଥୀ ଛକ, ଆରଟିଓ ଛକରେ ଥିବା ଟ୍ରାଫିକ ପୋଷ୍ଟ ସ୍ୱଂୟଚାଳିତ ବ୍ୟବସ୍ଥା ହୋଇଛି। ଏହି ସିଗନାଲରେ ନିର୍ଦ୍ଦିଷ୍ଟ ସମୟ ଧାର୍ଯ୍ୟ କରାଯାଇଛି। ଫଳରେ ଟ୍ରାଫିକରେ ଲୋକ ନ ଥିଲେ ମଧ୍ୟ ରାସ୍ତା ଅତିକ୍ରମ କରିବା ପାଇଁ ଲୋକମାନଙ୍କୁ ଛିଡ଼ା ହୋଇ ରହିବାକୁ ପଡ଼ିଥାଏ। ଯାହାକୁ ଦୃଷ୍ଟିରେ ରଖି ପୌରଧ୍ୟକ୍ଷା ଲିକା ସାହୁଙ୍କ ଉଦ୍ୟମକ୍ରମେ ଅଭିନବ ବ୍ୟବସ୍ଥା କରାଯାଇଛି। ଟ୍ରାଫିକ୍‌ପୋଷ୍ଟରେ ସବୁଜ ଛାଉଣି କରାଯାଇଛି। ଫଳରେ ଉକ୍ତସ୍ଥାନରେ ଛାଇ ରହୁଥିବାରୁ ଲୋକେ କିଛିଟା ଆଶ୍ୱସ୍ତି ଅନୁଭବ କରୁଥିବା କହିଛନ୍ତି।



## ଓଡ଼ିଶା ଦିବସ -୨୦୨୫ ପାଳିତ

# 'ଓଡ଼ିଶା ଶରୀର ହେଲେ ଓଡ଼ିଆ ଆତ୍ମା'





**ଭବାନୀପାଟଣା, ୧।୪ (ସମିସ):**

ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟରେ ଓଡ଼ିଶା ଦିବସ-୨୦୨୫ ପାଳିତ ହୋଇଛି। ଓଡ଼ିଶା ଶରୀର ହେଲେ ଓଡ଼ିଆ ତା' ଆତ୍ମା ବୋଲି ଏହି କାର୍ଯ୍ୟକ୍ରମରେ ମତ ପ୍ରକାଶ ପାଇଛି। ଭାରପ୍ରାପ୍ତ କୁଳପତି ଡକ୍ଟର ନିବେଦିତା ନାଥଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉପ-କୁଳସଚିବ ମେଜର ଡକ୍ଟର ଜୟଦେବ ସାହୁ ସ୍ୱାଗତ ଅଭିଭାଷଣ ଦେଇ ଓଡ଼ିଶା ଦିବସର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ସହକାରୀ ପ୍ରଫେସର ଡୋଳାମଣି ଧରୁଆ ଓଡ଼ିଶା ପ୍ରଦେଶ ଗଠନର ଇତିହାସ ଉପରେ ଆଲୋଚନା କରିଥିଲେ। ରାଜନୀତି ବିଜ୍ଞାନ ବିଭାଗର ମୁଖ୍ୟ ଡକ୍ଟର କୈଳାସ ଚନ୍ଦ୍ର ଦାସ ବିଶ୍ୱ ଦରବାରରେ ଓଡ଼ିଶା କିପରି ପରିଚୟ ସୃଷ୍ଟି କରିଛି ସେ ବିଷୟରେ କହିଥିଲେ। ସମାଜବିଜ୍ଞାନ ବିଭାଗର ମୁଖ୍ୟ ଡକ୍ଟର ବିରେନ୍ଦ୍ର ସୁନା ଓଡ଼ିଆ ଭାଷାର ମହତ୍ତ୍ୱ ଉପସ୍ଥାପନ କରିଥିବାବେଳେ ଛାତ୍ର ମଙ୍ଗଳ ନିର୍ଦ୍ଦେଶିକା ଡକ୍ଟର ମଧୁଲିକା ସାହୁ ଓଡ଼ିଶା ଦିବସର ଗୁରୁତ୍ୱ ଛାତ୍ରଛାତ୍ରୀଙ୍କୁ ବୁଝାଇଥିଲେ। ଅଧ୍ୟାପିକା ଡକ୍ଟର ପ୍ରତ୍ୟାଶା ଧଳ ମଞ୍ଚ ପରିଚାଳନା କରିଥିବାବେଳେ ଗବେଷକ ଅଭିମନ୍ୟୁ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଦିବସରେ ବିଶ୍ୱବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, ଗବେଷକ, ଗବେଷିକା ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।



କଳାହାଣ୍ଡି କିସ୍ ପରିସରରେ ମଧ୍ୟ ଓଡ଼ିଶା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଉପ କୁଳପତି ଡ. ନିବେଦିତା ନାଥ, ପ୍ରଧାନ ଶିକ୍ଷୟିତ୍ରୀ ସୁନୀତା ପଣ୍ଡା, ଉପକାର୍ଯ୍ୟ ନିର୍ବାହୀ ଅଧିକାରୀ ଦୁଷ୍ମନ୍ତ ପଧାନ, ଉପ ପ୍ରଶାସନିକ ଅଧିକାରୀ ସୁଶାନ୍ତ ବିଶ୍ୱାଳ, ବରିଷ୍ଠ ସାମ୍ବାଦିକ ଶୁଭେନ୍ଦୁ ପଣ୍ଡା, ଶିକ୍ଷୟିତ୍ରୀ ରଜନୀଗନ୍ଧା ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

ଧର୍ମଗଡ଼:ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଓଡ଼ିଶା ଦିବସ ପାଳିତ ହୋଇଛି। ଉପଜିଲ୍ଲାପାଳ ଧିମାନ ଚକମା, ଶିକ୍ଷାବିତ ପ୍ରତାପ କିଶୋର ମୁଣ୍ଡ, ଧର୍ମଗଡ଼ ତହସିଲଦାର ସଞ୍ଜୟ ସାମନ୍ତରା, ଅତିରିକ୍ତ ଉପଜିଲ୍ଲାପାଳ ଅଜୟ ପ୍ରକାଶ ତିର୍କି, ଡେପୁଟି କଲେକ୍ଟର ଚୋଡ଼ଗଙ୍ଗ ପ୍ରଧାନ, ସ୍ଥାନୀୟ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ କୁଞ୍ଜବିହାରୀ ଦାସ ପ୍ରମୁଖ ମଞ୍ଚାସୀନ ଥିଲେ। ପଞ୍ଚାୟତ ମହାବିଦ୍ୟାଳୟ ପ୍ରାଧ୍ୟାପକ ମାଧବ ଲହଜଲ ମଞ୍ଚ ପରିଚାଳନା କରିଥିବା ବେଳେ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ସିଂ ଧନ୍ୟବାଦ ଅର୍ପଣ କରିଥିଲେ।

## ମିନଗୁଡ଼ରେ ଇଦ୍ ଉଲ ଫିତର



**କଲମପୁର, ୧।୪ (ସମିସ):** କଳାହାଣ୍ଡି ଜିଲ୍ଲା କଲମପୁର ବ୍ଲକ ଅଞ୍ଚଳର ମୁସଲମାନ ବହୁଳ ଗ୍ରାମ ମିନଗୁରରେ ମୁସଲମାନ ସମ୍ପ୍ରଦାୟରଇଦ୍ ଉଲ ଫିତର ପର୍ବ ପାଳିତ ହୋଇଛି। ସୁନ୍ନି ମୁସଲିମ ଜମାତ ସଭାପତି ମହମ୍ମଦ ଅମିରଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ସମ୍ପାଦକ ହାସେନ ଅଲ୍ଲୀ, ମସଜିଦ ଖାଁ, ଲାଲ ଖାଁ, ଅଫଜଲ ଖାଁ, ଅମିର ଅଲ୍ଲୀ, ସବିର ଅଲ୍ଲୀ, ସବିଲ ମହମ୍ମଦ, ମଣ୍ଟୁ ଖାନ ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ସୁନ୍ନି ହୁଫି ମୁସଲିମ ଜମାତ ସଭାପତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଅନ୍ୟ ଏକ କାର୍ଯ୍ୟକ୍ରମରେ ସମ୍ପାଦକ ହବିବୁଲ୍ଲା ଖାନ, ମୌଲାନା ଅକ୍ତର, ମହମ୍ମଦ ଘୋରି, ମହମ୍ମଦ ହମଦ, ମୁକ୍ତିୟାର ମହମ୍ମଦ ପ୍ରମୁଖ ଉପସ୍ଥିତ ଥିଲେ।

## ସରକାରଙ୍କ ମହିଳା ବିରୋଧୀ ନୀତିର ପ୍ରତିବାଦ



**ଭବାନୀପାଟଣା, ୧।୪ (ସମିସ):** ରାଜ୍ୟ ସରକାରଙ୍କ ମହିଳା ବିରୋଧୀ ନୀତିକୁ ଭବାନୀପାଟଣାରେ ପ୍ରତିବାଦ କରାଯାଇଛି। ନିକଟରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଭବାନୀପାଟଣା ଗସ୍ତବେଳେ ଏଭଳି ଘଟଣା ଘଟିଛି। ପୂର୍ବରୁ ନିଖିଳ ଓଡ଼ିଶା ଜୀବିକା ମିଶନ ଆସି ସଂଘର କଳାହାଣ୍ଡି ଜିଲ୍ଲା ସଭାପତି ସରିତା ଦାସଙ୍କୁ ପୁଲିସ ତାଙ୍କ ଘରୁ ଆଣି ଥାନାରେ ଅଟକ ରଖିଥିଲା। ଏହି ଘଟଣାକୁ ସଂଘର ରାଜ୍ୟ ଉପ ସାଧାରଣ ସମ୍ପାଦକ ଟୁନୀ ନାଏକ, ରାଜ୍ୟ କମିଟି ସଦସ୍ୟ ଝିଲି ବିହାର, ଜୟନ୍ତୀ ମିଶ୍ର, ଜିଲ୍ଲା ଉପଦେଷ୍ଟା ସଞ୍ଜୟ ସୁନାନୀ, ପୁରୁଷୋତ୍ତମ ଦାସ ପ୍ରମୁଖ ଦୃଢ଼ ନିନ୍ଦା କରିଛନ୍ତି।

## କଳାହାଣ୍ଡି କ୍ଷତ୍ରୀୟ ପାଇକ ସମାଜର ବ୍ଲକସ୍ତରୀୟ ବୈଠକ

**କେସିଙ୍ଗା,୧।୪ (ସମିସ):** କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ ତୁର୍ଲା ଉପ ମଣ୍ଡଳ ଅଧୀନ ସିନ୍ଧିବାହାଲୀ ଗ୍ରାମରେ କ୍ଷେତ୍ରୀୟ ପାଇକ ସମାଜର ବ୍ଲକସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ସଭାପତି ପ୍ରସନ୍ନ ଚିନ୍ଦା ଓ ସମ୍ପାଦକ ହିମାଞ୍ଚଳ କହଁରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବ୍ଲକର ଶତାଧିକ କ୍ଷେତ୍ରୀୟ ପାଇକ ସମାଜର ବ୍ୟକ୍ତି ଯୋଗ ଦେଇଥିଲେ। ଏଥିରେ ଧନଞ୍ଜୟ ବିଶି ମୁଖ୍ୟ ଅତିଥି ଏବଂ ମଣ୍ଡଳ ସଦସ୍ୟ ମୋହନ ଚିନ୍ଦା ଉପସ୍ଥିତ ଥିଲେ। ଗଙ୍ଗାଧନ ପ୍ରଧାନୀ, ମାଧବ ବିଶି, ସୁରେଶ ଚିନ୍ଦା, ଧନସିଂ ଠାକୁର, କୌସ୍ତବ କହଁର, ଡମ୍ବରୁଧର ନାଏକ, ହେମସାଗର ପ୍ରଧାନୀ, ତ୍ରିନାଥ ବିଶି, ଲକ୍ଷ୍ମଣ କହଁର, ଭୂତେଶ୍ୱର ବିଶି, ପ୍ରବାସ ସ୍ୱାଇଁ, ବେଣୁଧର ବୁଢ଼େକ, ଦିଲ୍ଲୀପ କହଁର ପ୍ରମୁଖ ଯୋଗ ଦେଇଥିଲେ।

## ହେଲମେଟ ଚେକିଂ ସହ ସଚେତନତା

**କେସିଙ୍ଗା,୧।୪ (ସମିସ):** କଳାହାଣ୍ଡି ଜିଲ୍ଲା କେସିଙ୍ଗା ପୁଲିସ କୋର୍ଟ ପାଖରେ ହେଲମେଟ ଚେକିଂ କରିଛି। ବିନା ହେଲମେଟରେ ମଟର ସାଇକଲ ଚଳାଉଥିବା ଅମାନିଆ ଗାଡ଼ି ଚାଳକମାନଙ୍କୁ ଜରିମାନା ମରାଯାଇଛି। ତତ୍ ସଙ୍ଗେ ସଙ୍ଗେ ଚାଳକମାନଙ୍କୁ ସବୁ ସମୟରେ ହେଲମେଟ ପିନ୍ଧି ଗାଡ଼ି ଚଳାଇବା ପାଇଁ ସଚେତନ ମଧ୍ୟ କରାଯାଛି। ଏହି ଚକିଂରେ ଏଏସ ଆଇ ଜ୍ଞାନରଞ୍ଜନ ମାଝୀ, ପର୍ଶୁରାମ ମାଝୀ, ପ୍ରଦୀପ ସାହୁ, ହିରନ୍ୟ ମାଝୀ, ବିଜୟ କୁମାର, ଅନିଲ ସୁନା ପ୍ରମୁଖ ସାମିଲ ହୋଇଥିଲେ।

## ଚଳଚଞ୍ଚଳ କେସିଙ୍ଗା ସହର

**କେସିଙ୍ଗା, ୧।୪ (ସମିସ):** କଳାହାଣ୍ଡି ଜିଲ୍ଲା କେସିଙ୍ଗା ସହର ଚୈତ୍ର ନବରାତ୍ର ଓ ରାମ ନବମୀ ପାଇଁ ଚଳଚଞ୍ଚଳ ହୋଇ ଉଠିଛି। ମାଆ ଅମ୍ବାଜି ମନ୍ଦିର ଓ ସ୍ଥାନୀୟ ଗୌରୀଶଙ୍କର ମନ୍ଦିରରେ ନବରାତ୍ରି ପୂଜା ଆରମ୍ଭ ହୋଇଛି। ୯ ଦିନ ଧରି ଏହା ଅନୁଷ୍ଠିତ ହେବ।

## ହେଲପିଂ ଫର୍ ହେଲ୍ପଲେସ୍ ଫାଉଣ୍ଡେସନର ପ୍ରତିଷ୍ଠା ଦିବସ



**ଧର୍ମଗଡ଼, ୧।୪ (ସମିସ):** ନୂଆପଡ଼ା ଜିଲ୍ଲା ରାଜା ଖଡିଆର ଉଗ୍ରସେନ ଭବନରେ ହେଲପିଂ ଫର୍ ହେଲ୍ପଲେସ୍ ଫାଉଣ୍ଡେସନ ସଙ୍ଗଠନର ପ୍ରଥମ ବାର୍ଷିକ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ଗୋପିନାଥ ମହାନନ୍ଦଙ୍କ ନେତୃତ୍ୱରେ ଗୋପିନାଥ ମହାନନ୍ଦ, ଉମାକାନ୍ତ ସୁନାନୀ, ସୁମିତ ଖମାରୀ, ରିଙ୍କୁ ମଙ୍ଗରାଜ, ରମେଶ ସାଗର, ଚିକୁ ପ୍ରମୁଖ ସମ୍ବର୍ଦ୍ଧନା କାର୍ଯ୍ୟରେ ଯୋଗ ଦେଇଥିଲେ।

## 'ବେଟି ପଢ଼ାଓ ଓ ବେଟି ବଢ଼ାଓ' କାର୍ଯ୍ୟକ୍ରମ




**କୋମନା, ୧।୪(ସମିସ):** ନୂଆପଡ଼ା ଜିଲ୍ଲା କୋମନା ବ୍ଲକସ୍ଥିତ ସରକାରୀ ବାଳିକା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ 'ବେଟି ବଢ଼ାଓ ବେଟି ପଢ଼ାଓ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଦ୍ୱାରା ବସ୍ତି ପରିକ୍ରମା ତଥା ସଚେତନତା ରାଲି ଅନୁଷ୍ଠିତ ହୋଇଥିଲା। ପ୍ରଧାନଶିକ୍ଷୟିତ୍ରୀ ସଂଘମିତ୍ରା ମଲ୍ଲିକଙ୍କ ଆୟୋଜିତ କାର୍ଯ୍ୟକ୍ରମରେ ଏସ୍ଏମ୍ସି ସଭା ନେତ୍ରୀ ସବିତା ବିଶି, ସିଆରସିସି ଭୂପିନ୍ଦ୍ର ଖମାରି ସୁଲକ୍ଷଣି ଏସ୍ଏଚ୍ଜି ଗ୍ରୁପର ସଭାନେତ୍ରୀ ଗୀତା ଦୁରିଆ, କେଜିବିଭି ୱାର୍ଡେନ ପାର୍ବତୀ ସିଂ, ସହ ଶିକ୍ଷୟିତ୍ରୀ ସମୀକ୍ଷା ଦାସ, ରଞ୍ଜିତା ଅଗସ୍ତି, କ୍ଷିତିସୁତା ସା ଏବଂ ସୁନିତା ପଣ୍ଡା ଛାତ୍ରଛାତ୍ରୀଙ୍କୁ ବୁଝାଇଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ନାଟକ ପରିବେଷଣ କରାଯାଇଥିଲା।

## ସିଆରପିଏଫ୍ ଦ୍ୱାରା ଦକ୍ଷତା ବିକାଶ କାର୍ଯ୍ୟକ୍ରମ

**ଭବାନୀପାଟଣା,୧।୪ (ସମିସ):** କଳାହାଣ୍ଡି ଜିଲ୍ଲା ଉର୍ଲ୍ଲାଦାନୀ ଅଞ୍ଚଳର ଡୁକେଡ୍, ଖଲିଆମୁଣ୍ଡା, ଉର୍ଲ୍ଲାଦାନୀ, ରଙ୍ଗାପଦର, କୁରୁପଦର, ଜୁରାଖମନ ଓ ନାଗଝରି ଆଦି ଗ୍ରାମରେ ସିଆରପିଏଫ୍ ଦ୍ୱାରା ସ୍ଥାନୀୟ ଲୋକଙ୍କ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଲୋକଙ୍କୁ ପେପର ପ୍ଲେଟ, ମହମବତି ଓ ଧୂପକାଠି ତିଆରି ଲାଗି ତାଲିମ ଦିଆଯାଇ ଏଥିଲାଗି ଆବଶ୍ୟକ ମେସିନ୍ ଯୋଗାଇ ଦିଆଯାଇଛି। ୬୪ ବାଟାଲିୟନର ଦ୍ୱିତୀୟ କମାଣ୍ଡାଣ୍ଟ ପି.କେ. ମିଶ୍ର ଉଦ୍‌ଘାଟନ କରିଥିଲେ। ଡକ୍ଟର(ମେଜର) ସଞ୍ଜୟ ରାଜକ, ଯୁଗଳ କିଶୋର, ଏମ୍ ରାମପୁର ଥାନାର ସୁଦର୍ଶନ ନାୟକ, ଉର୍ଲ୍ଲାଦାନୀ ସରପଞ୍ଚ ସୁପ୍ରିୟା ମାଝୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ହରେକୃଷ୍ଣ ପୂଜାରୀ ଖଲି ତିଆରି ଉପରେ ତାଲିମ ଦେଇଥିଲେ। ସସ୍ମିତା ପଟ୍ଟନାୟକ ଧୂପକାଠି ତିଆରି ଉପରେ ପ୍ରଶିକ୍ଷଣ ଦେଇଥିଲେ। କେ. ସରିତା, ମହମବତୀ ତିଆରି ଲାଗି ପ୍ରଶିକ୍ଷଣ ଦେଇଥିଲେ।

## ଚାଷୀଙ୍କ କୃଷିକ୍ଷେତ୍ର ପରିଦର୍ଶନ



କଲମପୁର, ୩୧।୩(ସମିସ): କଳାହାଣ୍ଡି ଜିଲ୍ଲା କଲମପୁରରେ ଧନୁକା ଏଗ୍ରିଟେକ ଲିମିଟେଡ ପକ୍ଷରୁ ଅଞ୍ଚଳର ଚାଷୀମାନଙ୍କୁ ନେଇ ଧନୁକା ପକ୍ଷରୁ ବ୍ୟବହୃତ ମୋର୍ଟାର କିଟନାଶକ ବ୍ୟବହୃତ ଚାଷ ଜମି ପରିଦର୍ଶନ କରାଯାଇଛି।ଏଥିରେ ଶତାଧିକ ଚାଷୀ ଯୋଗ ଦେଇଥିବା ବେଳେ ଧାନ ଚାଷରେ ମୋର୍ଟାର କିଟନାଶକ ବ୍ୟବହାର ଦ୍ୱାରା ଚାଷୀ କିଭଳି ଉପକୃତ ହେଉଛନ୍ତି ସେ ଉପରେ ଆଲୋକପାତ କରାଯାଇଥିଲା। ମୋର୍ଟାର କିଟନାଶକ ବ୍ୟବହାର ଫଳରେ କାଣ୍ଡ ବିନ୍ଧା ପୋକ, ପତ୍ର ମୋଡା ରୋଗ କିଭଳି ଦୂର ହୋଇ ପାରିଛି ତାହା ଅବଗତ କରାଇବା ପାଇଁ ପ୍ରତ୍ୟକ୍ଷ ଭାବେ ବ୍ୟବହୃତ ଚାଷ ଜମିକୁ ଚାଷୀଙ୍କୁ ନେଇ କ୍ଷେତ୍ର ପରିଦର୍ଶନ କରାଯାଇଥିଲା। ସେଲ୍ସ ଅଧିକାରୀ ମାନସ ରଞ୍ଜନ ସ୍ୱାଇଁ ସ୍ଥାନୀୟ କ୍ଷେତ୍ର ଅଧିକାରୀ ରମେଶ ସାହୁ ଏହାର ଆୟୋଜକ ଥିଲେ। ଚାଷୀ ବବ୍ରୁ ବାହାନ ପାଣିଗ୍ରାହୀଙ୍କ ଚାଷ ଜମିରେ ମୋର୍ଟାର କିଟନାଶକ ବ୍ୟବହାର ଦ୍ୱାରା କିଭଳି ଫସଲ ଅମଳ ବ୍ୟାପକ ହୋଇ ପାରିଛି ତାହା ଚାଷୀ ବୁଲି ଦେଖିଥିଲେ। ଚାଷୀ ପ୍ରଶାନ୍ତ ବେହେରା, ବିଜୟ ପଣ୍ଡା, ସୁବ୍ରତ ବେହେରା, ବିଜୟ ସୁନାନୀ, ଟୁନା ନିମୁଲିଆ, ମଘବାନ ବର୍ଗଡ଼ି, ମଣ୍ଟୁ ମୁଣ୍ଡ, ଚନ୍ଦ୍ର ହାସ୍ୟ ଯୋଷୀ, ମକରନ୍ଦ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

## ପରବାଙ୍ଗି ଆଶ୍ରମରେ ମହିମା ମେଳା ମହୋତ୍ସବ

ଭବାନୀପାଟଣା, **୧।୪ (ସମିସ):** କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ ପରବାଙ୍ଗିସ୍ଥିତ ସତ୍ୟ ମହିମା ଆଶ୍ରମରେ ବିଶ୍ୱଶାନ୍ତି ବ୍ରହ୍ମଯଜ୍ଞ ମହିମା ମେଳା ମହୋତ୍ସବ-୨୦୨୫ ଚାଲିଛି। ମଠାଧୀଶ ସାଧୁ ପ୍ରଭାକର ଦାସଙ୍କ ତତ୍ତ୍ୱାବଧାନରେ ଏନେଇ ଆୟୋଜିତ ବ୍ରହ୍ମଯଜ୍ଞରେ ବ୍ରହ୍ମ ଅବଧୂତ ଭଗବାନ ଦାସ ପୌରୋହିତ୍ୟ କରିଥିଲେ। ବ୍ରହ୍ମ ଅବଧୂତ ମଦନ ବାବା, ବ୍ରହ୍ମ ଅବଧୂତ ସୁରେଶ ବାବାଙ୍କ ସମେତ ସାଧୁ ବିପିନ ଦାସ, ସାଧୁ ଉଦ୍ଧବ ଦାସ, ସାଧୁ ସଦାନନ୍ଦ ଦାସ, ସାଧୁ ଝସକେତନ ଦାସ, ସାଧୁ ଇନ୍ଦ୍ରମଣି ଦାସ, ସାଧୁ ବିଦୁର ଦାସ, ସାଧୁ କୁମୁଦ ଦାସ ପ୍ରମୁଖ ବ୍ରହ୍ମଯଜ୍ଞ ପରିଚାଳନା କରୁଛନ୍ତି। ଏହି ଅବସରରେ ବୈଦ୍ୟରାଜ ଭକ୍ତ ପବିତ୍ର ଶବର ଆଶ୍ରମର ନବ ନିର୍ମିତ ଧୂନି ମଣ୍ଡପର ଉଦ୍‌ଘାଟନ କରିଥିଲେ। ଏଥିରେ ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ ଖଇରାସ୍ଥିତ ସତ୍ୟ ମହିମା ସଂସ୍କୃତ ବିଦ୍ୟାପୀଠର ପ୍ରଧାନ ପଣ୍ଡିତ ଅକ୍ଷୟ ତ୍ୟାଗିଙ୍କ ସମେତ ଅନେକ ସାଧୁସନ୍ଥ ଉପସ୍ଥିତ ଥିଲେ ବୋଲି ସତ୍ୟ ମହିମା ଆଶ୍ରମ ପରବାଙ୍ଗିର ମଠାଧୀଶ ସାଧୁ ପ୍ରଭାକର ଦାସ ସୂଚନା ଦେଇଛନ୍ତି।

## ତେନ୍ତୁଲୀଖୁଣ୍ଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଜୁନାଗଡ଼, ୧।୪(ସମିସ):** କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବ୍ଲକ ତେନ୍ତୁଲୀଖୁଣ୍ଟି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜୁନାଗଡ଼ ଗୋଷ୍ଠୀ ଶିକ୍ଷାଧିକାରୀ ତପନ ମାଝୀ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଚାରଭାଟି ସରପଞ୍ଚ ଶିବ ଶଙ୍କର ନାଏକ, ଜୁନାଗଡ଼ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ କ୍ଷୀରୋଦ ଭୋଇ, ସିନିୟର ଟିଚର ଏଜୁକେଟର ସୁନିତା ଦୁର୍ଗା, ସିଆରସିସି ଶିତେଶ ପାଢ଼ୀ, ଏସଏମସି ଚେୟାରପର୍ସନ ସନ୍ତୋଷ ପଟେଲ ଅଂଶ ଗ୍ରହଣ କରିଥିଲେ। ସ୍କୁଲ ପ୍ରଧାନ ଶିକ୍ଷକ ମକରଧ୍ୱଜ ରାଉତ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସହକାରୀ ଶିକ୍ଷୟତ୍ରୀ ପ୍ରିୟମ୍ବଦା ଜେନା ବିଦ୍ୟାଳୟର ବାର୍ଷିକ ବିବରଣୀ ପଠନ କରିଥିଲେ। ମୁଖ୍ୟ ବକ୍ତା ଭାବେ ସିନିୟର ଟିଚର ଏଜୁକେଟର ଡିଆଇଇଟି ଈଶ୍ୱର ଚନ୍ଦ୍ର ବେହେରା ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ସହକାରୀ ଶିକ୍ଷକ ସମରେନ୍ଦ୍ର ଶେଖର ଦାଶଙ୍କ ମଞ୍ଚ ପରିଚଳନା ତଥା ପଞ୍ଚମ ଶ୍ରେଣୀ ଛାତ୍ରୀ ଛବି ପଟେଲଙ୍କ ସହଯୋଗରେ ବିଭିନ୍ନ ପ୍ରକାରର ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ ସହକାରୀ ଶିକ୍ଷୟତ୍ରୀ ମୋନାଲିଶା ମହାନ୍ତି ଏବଂ ବବି ସ୍ମିତା ମିଶ୍ର ସହଯୋଗ କରିଥିଲେ। ଶେଷରେ ସହକାରୀ ଶିକ୍ଷକ ଟଙ୍କଧର ଶବର ଧନ୍ୟବାଦ ଅର୍ପଣ କରିଥିଲେ।

## ବିଶ୍ୱ ନୃତତ୍ତ୍ୱ ଦିବସ ପାଳିତ

**ଭବାନୀପାଟଣା, ୧।୪ (ସମିସ):** ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ନୃତତ୍ତ୍ୱବିଜ୍ଞାନ ବିଭାଗରେ 'ଆନ୍ଥ୍ରୋପୋଲୋଜି ଅଫ୍ ହେଲ୍ଥ ଆଣ୍ଡ ୱେଲ ବିଙ୍ଗ' ବିଷୟରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ କୁଳପତି ଡକ୍ଟର ନିବେଦିତା ନାଥ ଏଥିରେ ସଭାପତିତ୍ୱ କରିଥିଲେ। ପ୍ରଫେସର ଶୁଭୋ ରାଓ ( ବିଭାଗ ମୁଖ୍ୟ, ବାୟୋଲୋଜିକାଲ ନୃତତ୍ତ୍ୱବିଜ୍ଞାନ, ଇଣ୍ଡିଆନ ଷ୍ଟାଟିଷ୍ଟିକାଲ ୟୁନିଟ, କଲିକତା) ଆଲୋଚନାଚକ୍ରର ଶୁଭାରମ୍ଭ କରିଥିଲେ। ପ୍ରଫେସର ପ୍ରସନ୍ନ ପାତ୍ର (ଉତ୍କଳ ବିଶ୍ୱବିଦ୍ୟାଳୟ), ପ୍ରଫେସର ଅରୁଣ ଆଚାର୍ଯ୍ୟ (ସମ୍ବଲପୁର ବିଶ୍ୱବିଦ୍ୟାଳୟ), ଡକ୍ଟର ବିଭୁ କଲ୍ୟାଣ ମହାନ୍ତି ( ସହଯୋଗୀ ପ୍ରଫେସର, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ), ଡକ୍ଟର ଶିବ କୁମାର (ସହକାରୀ ପ୍ରଫେସର, ଆଦର୍ଶ ସ୍ନାତକ ମହାବିଦ୍ୟାଳୟ, ଖରିଆର) ପ୍ରମୁଖ ଯୋଗ ଦେଇଥିଲେ। ସହଯୋଗୀ ପ୍ରଫେସର ଡକ୍ଟର ରାଜକିଶୋର ମାହାନା ଧନ୍ୟବାଦ ଅର୍ପଣ କରିଥିଲେ। ନୃତତ୍ତ୍ୱବିଜ୍ଞାନ ବିଭାଗର ସହକାରୀ ପ୍ରଫେସର ଡକ୍ଟର ମଧୁଲିକା ସାହୁ, ଡକ୍ଟର କୁମୁଦ ଚନ୍ଦ୍ର ନାଏକ, ଚିରଞ୍ଜିବୀ ଶବର, ପୂର୍ଣ୍ଣଚନ୍ଦ୍ର ବରାଡି, ରତ୍ନାକର ପଲେଇଙ୍କ ସମେତ ସମସ୍ତ ଛାତ୍ରଛାତ୍ରୀ ଓ ଗବେଷକ ଯୋଗ ଦେଇଥିଲେ।

## ଲାଞ୍ଜିଗଡ଼ ଡିଏଭି ବେଦାନ୍ତ ଅନ୍ତର୍ଜାତୀୟ ବିଦ୍ୟାଳୟର ବାର୍ଷିକୋତ୍ସବ

ଭବାନୀପାଟଣା, **୧।୪ (ସମିସ):** ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ନୃତତ୍ତ୍ୱବିଜ୍ଞାନ ବିଭାଗରେ 'ଆନ୍ଥ୍ରୋପୋଲୋଜି ଅଫ୍ ହେଲ୍ଥ ଆଣ୍ଡ ୱେଲ ବିଙ୍ଗ' ବିଷୟରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ କୁଳପତି ଡକ୍ଟର ନିବେଦିତା ନାଥ ଏଥିରେ ସଭାପତିତ୍ୱ କରିଥିଲେ। ପ୍ରଫେସର ଶୁଭୋ ରାଓ ( ବିଭାଗ ମୁଖ୍ୟ, ବାୟୋଲୋଜିକାଲ ନୃତତ୍ତ୍ୱବିଜ୍ଞାନ, ଇଣ୍ଡିଆନ ଷ୍ଟାଟିଷ୍ଟିକାଲ ୟୁନିଟ, କଲିକତା) ଆଲୋଚନାଚକ୍ରର ଶୁଭାରମ୍ଭ କରିଥିଲେ। ଏହି ଆଲୋଚନାଚକ୍ରରେ ସ୍?ାସ୍ଥ୍ୟ ଓ ପୋଷଣ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ସୁନ୍ଦରଗଡ଼ ଜିଲ୍ଲାର ଆଦିବାସୀ ସମ୍ପ୍ରଦାୟର ମାରାତ୍ମକ ରୋଗ, ଜାତୀୟ ସର୍ଭେରେ ନୃତତ୍ତ୍ୱବିଭାଗର ଭୂମିକା, ସ୍ନାତକ ଓ ସ୍ନାତକୋତ୍ତର ବିଭାଗରେ ସ୍ୱାସ୍ଥ୍ୟ ଓ ପୋଷଣ ସମ୍ବନ୍ଧରେ ବିଶେଷ ଅଧ୍ୟୟନ ପ୍ରଭୃତି ଦିଗରେ ଆଲୋଚନା ହୋଇଥିଲା। ପ୍ରଫେସର ପ୍ରସନ୍ନ ପାତ୍ର (ଉତ୍କଳ ବିଶ୍ୱବିଦ୍ୟାଳୟ), ପ୍ରଫେସର ଅରୁଣ ଆଚାର୍ଯ୍ୟ (ସମ୍ବଲପୁର ବିଶ୍ୱବିଦ୍ୟାଳୟ), ଡକ୍ଟର ବିଭୁ କଲ୍ୟାଣ ମହାନ୍ତି ( ସହଯୋଗୀ ପ୍ରଫେସର, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ), ଡକ୍ଟର ଶିବ କୁମାର (ସହକାରୀ ପ୍ରଫେସର, ଆଦର୍ଶ ସ୍ନାତକ ମହାବିଦ୍ୟାଳୟ, ଖରିଆର) ପ୍ରମୁଖ ଯୋଗ ଦେଇଥିଲେ। ସହଯୋଗୀ ପ୍ରଫେସର ଡକ୍ଟର ରାଜକିଶୋର ମାହାନା ଧନ୍ୟବାଦ ଅର୍ପଣ କରିଥିଲେ। ନୃତତ୍ତ୍ୱବିଜ୍ଞାନ ବିଭାଗର ସହକାରୀ ପ୍ରଫେସର ଡକ୍ଟର ମଧୁଲିକା ସାହୁ, ଡକ୍ଟର କୁମୁଦ ଚନ୍ଦ୍ର ନାଏକ, ଚିରଞ୍ଜିବୀ ଶବର, ପୂର୍ଣ୍ଣଚନ୍ଦ୍ର ବରାଡି, ରତ୍ନାକର ପଲେଇଙ୍କ ସମେତ ସମସ୍ତ ଛାତ୍ରଛାତ୍ରୀ ଓ ଗବେଷକ ଯୋଗ ଦେଇଥିଲେ।

## ପ୍ରଧାନଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**କର୍ଲାମୁଣ୍ଡା, ୧।୪ (ସମିସ):** କର୍ଲାମୁଣ୍ଡା ବ୍ଲକ ତେରେସିଂହା ପଞ୍ଚାୟତର ବିନ୍ଧାଣୀ ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟତ୍ରୀ ନଳିନୀ ସାହୁ ଶିକ୍ଷକତା ଜୀବନରୁ ଅବସର ଗ୍ରହଣ କରିଛନ୍ତି। ଏହି ଅବସରରେ ବିଦ୍ୟାଳୟ ପରିସରରେ ପରିଚାଳନା ସମିତି ସଭାପତି ଗିରିଧାରୀ ଭୋଇଙ୍କ ଅଧ୍ୟକ୍ଷତାରେ ଏକ ବିଦାୟୀ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ରୋହିତ ରଣା ମୁଖ୍ୟଅତିଥି, ତେରେସିଂହା ହାଇସ୍କୁଲ ପ୍ରଧାନ ଶିକ୍ଷକ ଗରୁଡଧ୍ୱଜ ଗହୀର ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ସମ୍ମାନୀତ ଅତିଥି ଭାବେ ଅବସରପ୍ରାପ୍ତ ବିଇଓ ବିଜୟ ପୁରୋହିତ, ଅବସରପ୍ରାପ୍ତ ଏବିଇଓ ହୃଷିକେଶ ଭୋଇ, କର୍ଲାମୁଣ୍ଡା ଏବିଇଓ ଗୋପମଣି ସାହୁ, ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଅନ୍ତର୍ଯ୍ୟାମୀ ମଲ୍ଲିକ, ଅବସରପ୍ରାପ୍ତ ଶିକ୍ଷକ ଅନ୍ତର୍ଯ୍ୟାମୀ ସାହୁ, ମୁରଲୀଧର ରଣା, ଲୋକନାଥ ଗହୀର, ଡମ୍ବରୁଧର ହରପାଲ ତଥା ସରପଞ୍ଚ ପ୍ରମୋଦ ସୁନା ଯୋଗଦେଇ ଶ୍ରମତୀ ସାହୁଙ୍କ ଆଦର୍ଶ ଶିକ୍ଷାଦାନ, ଛାତ୍ରଛାତ୍ରୀଙ୍କ ପ୍ରତି ଆଦର, ନିଷ୍ଠାବାନ ଓ ସମୟାନୁବର୍ତ୍ତିତାକୁ ପ୍ରଶଂସା କରିଥିଲେ। ରେଙ୍ଗାଲି ସିଆରସିସି ଉଜଳ ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ ସହକାରୀ ଶିକ୍ଷକ ଟିକେଶ୍ୱର ଗହୀର ଧନ୍ୟବାଦ ଅର୍ପଣ କରିଥିଲେ।

## ରାଷ୍ଟ୍ରୀୟ ନବବର୍ଷ ଅବସରରେ ଦେଶାତ୍ମବୋଧ କବିତା ଉତ୍ସବ

ଭବାନୀପାଟଣା, **୧।୪ (ସମିସ):** ସ୍ଥାନୀୟ ଟାଉନ ହଲଠାରେ ସଂସ୍କାର ଭାରତୀ, କଳାହାଣ୍ଡି ତରଫରୁ ଜିଲ୍ଲାସ୍ତରୀୟ ଦେଶାତ୍ମବୋଧକ କବିତା ଉତ୍ସବ ଆୟୋଜିତ ହୋଇଯାଇଛି। ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ଅବସରରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବିରଞ୍ଚି ନାରାୟଣ ମୁଣ୍ଡ ଏଥିରେ ପୌରୋହିତ୍ୟ କରିଥିଲେ। ହରେକୃଷ୍ଣ ଭୋଇ, ଶ୍ରୀନିବାସ ଶର୍ମା ପ୍ରମୁଖ ଯୋଗ ଦେଇଥିଲେ। ଯୁବକବି ପ୍ରତାପ ଚନ୍ଦ୍ର ପଣ୍ଡା ଓ ରଚିତା ମେହେରଙ୍କ ସଂଯୋଜନାରେ ସୋହନଲାଲ ଅଗ୍ରୱାଲ, ଅଶୋକ ଖମାରୀ, କୌସ୍ତୁଭ ବାଗ, ସାଗର ବୈଠାରୁ, ରମାକାନ୍ତ ପାଢ଼ୀ, ଭାଗୀରଥୀ ବେହେରା, ବିନା ମୁଣ୍ଡ, ସବିତା ଶତପଥୀ, ଅନିତା ମୁଣ୍ଡ, ଆନନ୍ଦିନୀ ପାତ୍ର, ସଂଘମିତ୍ରା କାନୁନଗୋ, କବିତା ଖୈତାନ, ଦୀପ୍ତି ମୁଣ୍ଡ, ଗୋଦାବରୀଶ ମିଶ୍ର, ତିଳକରାମ ନିଆଲ, ସୁମତି ମୁଣ୍ଡ, ପ୍ରମୋଦ ପଟ୍ଟନାୟକ, ପ୍ରମୋଦ ଖମାରୀ, ଦୀପ୍ତିମୟୀ ସିଂହ, ବନଶ୍ରୀ ଦାଶ, ଧର୍ମେନ୍ଦ୍ର ମୁଣ୍ଡ, ଗୀତାଞ୍ଜଳି ମହାନ୍ତି, ନବଘନ ସାହୁ, ସୁଦେଷ୍ଣା ପଣ୍ଡା, ଯୁଧିଷ୍ଠିର ମୁହୁଲି, ଆଶୁଧନ ପୁରୋହିତ ପ୍ରମୁଖ କବିତାବୃତ୍ତି କରିଥିଲେ। ବ୍ରଜବିହାର ସରସ୍ୱତୀ ଶିଶୁବିଦ୍ୟାମନ୍ଦିରର ଉମେଶ ଚନ୍ଦ୍ର ପଣ୍ଡା, ମନୋଜ ମୁଣ୍ଡ ଓ ଆଲୋକ ସାହୁ ସହଯୋଗ କରିଥିଲେ। ଗୁରୁ ପ୍ରଭାସ ଚନ୍ଦ୍ର ମିଶ୍ର, ଚକ୍ରଧର ଠାକୁର, ପ୍ରମିଳା ମିଶ୍ର ପ୍ରମୁଖ ଉପସ୍ଥିତ ଥିବାବେଳେ ସୌରଭ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲ୍ଲାସ୍ତରୀୟ ଚେସ୍ ପ୍ରତିଯୋଗିତ



**ଭବାନୀପାଟଣା, ୧।୪ (ସମିସ):**

କଳାହାଣ୍ଡି ଜିଲ୍ଲା ଚେସ ସଙ୍ଘ ତରଫରୁ ଦ୍ୱିତୀୟ ଜିଲ୍ଲାସ୍ତରୀୟ ଚେସ୍ ପ୍ରତିଯୋଗିତା ସରକାରୀ ଇଞ୍ଜିନିୟରିଂ ମହାବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ୬୮ ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। ପ୍ରତିଯୋଗିତାର ନିର୍ଦ୍ଦେଶକ ଭାବେ ଡ. ଶୁଭ୍ରାଂଶୁ ଶେଖର ଦାଶ ଏବଂ ସଞ୍ଚାଳକ ଭାବେ ଭବେଶ ମହାନ୍ତି କାର୍ଯ୍ୟ ତୁଲାଇ ଥିଲେ। ମୁଖ୍ୟ ଅତିଥି ରୂପେ ରାଜ୍ୟ ଚେସ ସଙ୍ଘ ସମ୍ପାଦକ ଇ. ଦେବବ୍ରତ ଭଞ୍ଜ ଯୋଗ ଦେଇଥିଲେ। ସଭାପତି ହେମନ୍ତ ପାଣିଗ୍ରାହୀ ଓ ସମ୍ପାଦକ ରବୀନ୍ଦ୍ର ସାହୁ ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସୁଧୀର ବେହେରା, ଭୀମସେନ ପଣ୍ଡା, ବସନ୍ତ ସ୍ୱାଇଁ ଓ ବଲାଙ୍ଗୀର ସମ୍ପାଦକ ପ୍ରିୟବ୍ରତ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ସର୍ବ ସାଧାରଣ ବର୍ଗରେ ଅକ୍ଷୟ ଶବର, ତ୍ରିଲୋଚନ ଛତ୍ରିଆ, ରଶ୍ମି ରଞ୍ଜନ ତାଣ୍ଡି, ବିଷ୍ଣୁ ପ୍ରସାଦ ଅଗ୍ରୱାଲ ଓ ସୁଶୀଲ ପଣ୍ଡା ପ୍ରଥମରୁ ପଞ୍ଚମ ସ୍ଥାନରେ ପୁରସ୍କୃତ ହୋଇଥିଲେ। କନିଷ୍ଠ ବର୍ଗରେ ଯଶଗନ୍ୟା ସାହୁ, କୁମାର ତନବୀର ଦାସ, ରବି ଶଙ୍କର ପଣ୍ଡା, ଆଶୁତୋଷ ବେହେରା ଓ ସୂର୍ଯ୍ୟାଂଶୁ ସାହୁ ପ୍ରଥମରୁ ପଞ୍ଚମ ସ୍ଥାନରେ ପୁରସ୍କୃତ ହୋଇଥିଲେ। ସୁଦୀପ ଘୋଷ ଓ ବଦ୍ରୀନାଥ ଅଧିକାରୀ ପୁରସ୍କୃତ ହୋଇଥିଲେ। ବରିଷ୍ଠ ଖେଳାଳି ବର୍ଗରେ କ୍ଷୀରୋଦ ଚନ୍ଦ୍ର ମୁଣ୍ଡ ପ୍ରଥମ ଓ ଶ୍ରୀ ହେମନ୍ତ ପାଣିଗ୍ରାହୀ ଦ୍ୱତୀୟ ସ୍ଥାନ ପାଇଥିଲେ। ମହିଳା ବର୍ଗରେ କାଞ୍ଚନବାଳା ସାହୁ ଓ ମଧୁସ୍ମିତା ସାହୁ ପୁରସ୍କୃତ ହୋଇଥିଲେ। ବିଭିନ୍ନ ବୟସ ବର୍ଗରେ ସମ୍ଭବ ଥାପା, ସ୍ୱୟଂ ସମ୍ପୂର୍ଣ୍ଣ ପାତ୍ର, ସ୍ୱୟଂସୁ ନାୟକ, ଭୂମେଶ ସାହୁ, ଶୁଭଶ୍ରୀ ବେହେରା, ଅଂଶୀକା ଦଣ୍ଡସେନା, ଦେବାଂଶୀ ସେଠି ଓ ଶ୍ରୀଜେଶ ସତ୍ୟରଞ୍ଜନ ପୁରସ୍କୃତ ହୋଇଥିଲେ।

## ପ୍ରାଧ୍ୟାପିକାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



କୋକସରା, ୧।୪(ସମିସ) : କୋକସରା ବ୍ଲକ ଲଡୁଗାଁ ହାଇୟର ସେକେଣ୍ଡାରୀ ସ୍କୁଲର ପ୍ରାଧ୍ୟାପିକା କାଲ୍ୟାଣୀ ମହାନ୍ତିଙ୍କୁ ଅବସର କାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। କଲେଜ ଅଧ୍ୟକ୍ଷ ଡ. ନିହାରକାନ୍ତ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମର ସଭାକୁ ଅଧ୍ୟାପକ ସଞ୍ଜୟ ପୁରୋହିତ ସଂଯୋଜନା କରିଥିଲେ। ପଙ୍କଜମୁଖ ଚୌଧୁରୀଙ୍କ ଦ୍ୱାରା ଲିଖିତ କବିତା ମାଧ୍ୟମରେ ଭାରତ ଭୂଷଣ ଠାକୁର ଲଡୁଗାଁ ଗ୍ରାମବାସୀଙ୍କ ତରଫରୁ କବିତା ପଠନ କରିଥିଲେ। କଲେଜ ଅଧ୍ୟକ୍ଷ ଓ ସମସ୍ତ କର୍ମଚାରୀଙ୍କ ତରଫରୁ ମଧ୍ୟ ଉପଢ଼ୌକନ ସହ ମାନପତ୍ର ପ୍ରଦାନ ପୂର୍ବରୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ପ୍ରଧ୍ୟାପକ ପ୍ରେମାନନ୍ଦ ଶାହା, ବିରେନ୍ଦ୍ର ନାରାୟଣ ଦାସ, ପ୍ରଶାନ୍ତ ଯୋଷୀ, ଅଧ୍ୟାପକ ଶଙ୍କର ସତନାମୀ, ଅଙ୍କିତା ଖୁରା, ଗିତାଞ୍ଜଳୀ ରାଉତ, ବିଭୁଦତ୍ତ ସ୍ୱାଇଁ, ଭଗବାନ କଟା ପ୍ରମୁଖ ପ୍ରାଧ୍ୟାପିକା ମହାନ୍ତିଙ୍କ ୩୨ ବର୍ଷ ଧରି କଲେଜରେ ନିରବଚ୍ଛିନ୍ନ ସେବାର ପ୍ରଶଂସା କରିଥିଲେ। ଶେଷରେ ପ୍ରଶାନ୍ତ ଯୋଷୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଓଡ଼ିଶା ଦିବସ ପାଳନ ଅବସରରେ ମହାପୁରୁଷଙ୍କ ସ୍ମୃତିଚାରଣ

# 'ଭୁଲିହେବନି ଓଡ଼ିଶା ଗଠନରେ ସଂଗ୍ରାମୀଙ୍କ ଅବଦାନ'



ମଙ୍ଗଳବାର ସାରା ରାଜ୍ୟରେ ଓଡ଼ିଶା ଦିବସ ପାଳିତ ହୋଇଛି। ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ବା ଓଡ଼ିଶା ରାଜ୍ୟ ଗଠନରେ ଯେଉଁ ବୀର ଓଡ଼ିଆମାନଙ୍କ ଭୂମିକା ରହିଛି ସେମାନଙ୍କ ସ୍ମୃତିଚାରଣ କରାଯାଇଛି। ଓଡ଼ିଶା ଗଠନର ସେହି ବିନ୍ଧାଣୀମାନଙ୍କ ତ୍ୟାଗ, ତପସ୍ୟା, ସାଧନାକୁ ଅତିଥିମାନେ ମନେ ପକାଇଛନ୍ତି। ଓଡ଼ିଶା ଗଠନ ପଛରେ ରହିଥିବା ସେମାନଙ୍କ ସଂଗ୍ରାମ ଆଦୌ ଭୁଲି ହେବନି ବୋଲି ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ସଭାସମିତିରେ ମତ ପ୍ରକାଶ ପାଇଛି।









**ବୌଦ୍ଧ, ୧।୪(ସମିସ):**

ବୌଦ୍ଧରେ ଜିଲ୍ଲା ପ୍ରଶାସନ ପକ୍ଷରୁ ମଙ୍ଗଳବାର ଜିଲ୍ଲାସ୍ତରୀୟ ଓଡ଼ିଶା ଦିବସ-୨୦୨୫ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ନିଜ ନିଜ ଶିକ୍ଷାନୁଷ୍ଠାନ ପରିସରରେ ପ୍ରଭାତଫେରୀ କରିଥିଲେ। ଏଥିସହ ଡାକବାଜି ଯନ୍ତ୍ର ଯୋଗେ ଦେଶାତ୍ମବୋଧକ ସଙ୍ଗୀତ ସହର ସାରା ପରିବେଷଣ କରାଯାଇଥିଲା। ଏହି ଅବସରରେ ସହରର ବିଭିନ୍ନ ଜାଗାରେ ଥିବା ମହାପୁରୁଷମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତି ପାଖରେ ଯୋଗୀନ୍ଦ୍ର ଦେବ ଉଚ୍ଚ ବିଦ୍ୟାଳୟ, ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ଚନ୍ଦ୍ରଚୂଡ଼ ଉ ପ୍ରା ବିଦ୍ୟାଳୟ, ସୁବାଷ ବୋଷଙ୍କ ପ୍ରତିମୂର୍ତ୍ତିରେ ବାଳିକା ଉଚ୍ଚ ବିଦ୍ୟାଳୟ, ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ବାପୁଜୀ ନଗର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଡ. ବି ଆର ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ବାଳିକା ଉଚ୍ଚ ବିଦ୍ୟାଳୟ, ସ୍ୱାମୀ ବିବେକାନନ୍ଦଙ୍କ ପ୍ରତିମୂର୍ତ୍ତିରେ ଟୁଟୁ ସିଂଘା ଉଚ୍ଚ ବିଦ୍ୟାଳୟ, ସ୍ୱାମୀ ବିବେକାନନ୍ଦଙ୍କ ପ୍ରତିମୂର୍ତ୍ତିରେ ମାଳିସାହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ନଟବର ପ୍ରଧାନଙ୍କ ପ୍ରତିମୂର୍ତ୍ତିରେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ମଧୁସୂଦନ ଓ ଗଙ୍ଗାଧରଙ୍କ ପ୍ରତିମୂର୍ତ୍ତିରେ ସେଣ୍ଟ ଜାଭିୟର ପବ୍ଲିକ ସ୍କୁଲର ଶିକ୍ଷକ, ଶିକ୍ଷୟତ୍ରୀ, ଛାତ୍ରଛାତ୍ରୀ ଅତିଥିମାନଙ୍କ ସହ ମାଲ୍ୟାର୍ପଣ କରିଥିଲେ। ସେହିପରି ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ପ୍ରହଲ୍ଲାଦ ବିଶି ଏବଂ ସ୍ୱର୍ଗତ ପ୍ରେମ ଶଙ୍କର ପଟ୍ଟନାୟକ, ହାତୀଶାଳ ଛକରେ ଗାନ୍ଧିଜୀଙ୍କ ଓଡ଼ିଶା ଆଗମନ ପ୍ରତିମୂର୍ତ୍ତିରେ ଅତିଥିମାନଙ୍କ ଦ୍ୱାରା ମାଲ୍ୟାର୍ପଣ ଅନୁଷ୍ଠିତ ହୋଇଥିଲା।

ବୌଦ୍ଧ ଜିଲ୍ଲା କଲଚରାଲ ଏକାଡେମୀ ପକ୍ଷରୁ ମଧ ମାଉସୀ ମା' ମନ୍ଦିର ପ୍ରାଙ୍ଗଣରେ ଓଡ଼ିଶା ଦିବସ ପାଳିତ ହୋଇଛି। ଏକାଡେମୀର ସଭାପତି ଧ୍ରୁବଚରଣ ଘିବେଲା ସଭାପତିତ୍ୱ କରିଥିଲେ। ଅଧ୍ୟାପକ ପ୍ରତାପ ରଥ, ଚନ୍ଦ୍ରକାନ୍ତ ନାୟକ ସଂକ୍ଷିପ୍ତ ଭାଷଣ ରଖିଥିଲେ। କବି ବିକେ ନିର୍ମଳ, କାର୍ତ୍ତିକେଶ୍ୱର ନାୟକ, ରାଧାମୋହନ ମାହାଣା, ଜୟକୃଷ୍ଣ ମହାନ୍ତି, ରାମକୃଷ୍ଣ ପତ୍ର ପ୍ରମୁଖ ଉପସ୍ଥିତ ଥିଲେ।

ବୌଦ୍ଧ ନିୟନ୍ତ୍ରିତ ବଜାର କମିଟି ସଭାଗୃହରେ ଉତ୍କଳ ସମ୍ମିଳନୀ ପକ୍ଷରୁ ଓଡ଼ଶା ଦିବସ ପାଳିତ ହୋଇଥିଲା। ସଭାପତି ପଦ୍ମାଳୟା ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଅତିଥି ଭାବେ ବୌଦ୍ଧ ପଞ୍ଚାୟତ କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରଭାସଚନ୍ଦ୍ର ମିଶ୍ର ଓ ସମବାୟ ସମିତି ସମୂହର ଉପ ନିବନ୍ଧକ ହାଡ଼ିବନ୍ଧୁ ମହାଖୁଡ ଯୋଗ ଦେଇଥିଲେ। ସମ୍ପାଦକ ଗୋପାଳ ଅମାତ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ।

ବୌଦ୍ଧ ବ୍ଲକ କାର୍ଯ୍ୟାଳୟ ପକ୍ଷରୁ ମଧ ଓଡ଼ିଶା ଦିବସ ପାଳନ କରାଯାଇଛି। ବ୍ଲକ କାର୍ଯ୍ୟାଳୟ ପରିସରରେ ଥିବା ଓଡ଼ିଶାର ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ବ୍ଲକ ଅଧ୍ୟକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ, ବିଡ଼ିଓ ଯୁଧିଷ୍ଠିର ମେହେର ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ବୌଦ୍ଧ ବ୍ଲକ ଲକ୍ଷ୍ମୀପ୍ରସାଦ ପଞ୍ଚାୟତର ଲୋକକଳା ଗ୍ରାମ ନାରାୟଣନଗରରେ ଥିବା ପ୍ରକୃତି କବି ଗଙ୍ଗାଧର ମେହେରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଲକ୍ଷ୍ମୀପ୍ରସାଦ ସରପଞ୍ଚ ଭାରତୀ ପୁରୋହିତ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ମନୋରଞ୍ଜନ ପୁରୋହିତ, ୱାର୍ଡ ସଭ୍ୟ ସମାରୁ ମେହେର, ବିବେକା ମେହେର, ତ୍ରିପୁର ମହାକୁଡ, ସୁଶାନ୍ତ ବାଘଙ୍କ ବ୍ଲକ କର୍ମଚାରୀ ଉପସ୍ଥିତ ଥିଲେ।

ବୌଦ୍ଧ ବିଜେଡି କାର୍ଯ୍ୟାଳୟଠାରେ ପୂର୍ବତନ ମନ୍ତ୍ରୀ ପ୍ରଦୀପ ଅମାତଙ୍କ ନେତୃତ୍ୱରେ ଉତ୍କଳ ଦିବସ ପାଳିତ ହେଇଛି। ଏହି ସମାରୋହରେ ବୌଦ୍ଧର ବହୁ ବିଜେଡି କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ।. ଧିରେନ ଦେହୁରୀ, ସୁବାସ ଚନ୍ଦ୍ର ସାହୁ, ମୃତ୍ୟୁଞ୍ଜୟ ମିଶ୍ର, ଅଶୋକ ସାହୁ, ସନ୍ତୋଷ ପ୍ରଧାନ, ସୀତାଂଶୁ ମହାକୁଳ, ବିଜୟ ମିଶ୍ର, ଏନଏସିର ସମସ୍ତ ୱାର୍ଡମେମ୍ବର ଯୋଗ ଦେଇଥିଲେ।

**ଶଗଡ଼ା:** ପବିତ୍ର ଉତ୍କଳ ଦିବସ ଅବସରରେ ବୌଦ୍ଧ ଜିଲ୍ଲା କଣ୍ଟାମାଳ ନିର୍ବାଚନ ମଣ୍ଡଳୀର କଣ୍ଟାମାଳରେ ବିଜେଡ଼ି ପକ୍ଷରୁ ମଧ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ କଣ୍ଟାମାଳ ବିଧାୟକ ତଥା ବୌଦ୍ଧ ଜିଲ୍ଲା ବିଜେଡ଼ି ସଭାପତି ମହିଧର ରଣା ଉପସ୍ଥିତ ରହି ମହାନ ସ୍ୱାଧୀନତା ସଂଗ୍ରାମୀ ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତି ଉପରେ ପୁଷ୍ପମାଲ୍ୟ ଅର୍ପଣକରି ଥିଲେ। ଓଡ଼ିଆ ଭାଷା ସାହିତ୍ୟର ଶ୍ରୀ ବୃଦ୍ଧି ସମ୍ପାଦନ କରିଥିବା ମହାନାୟକମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ମହାପୁରୁଷଙ୍କ ସ୍ମୃତିଚାରଣ କରିଥିଲେ। କାର୍ଯ୍ୟକ୍ରମରେ କଣ୍ଟାମାଳ ବ୍ଲକ ଅଧ୍ୟକ୍ଷା ସସ୍ମିତା ସେନାପତି, ବରିଷ୍ଠ ବିଜେଡି ନେତା ରାଧାବଲ୍ଲଭ ପ୍ରଧାନ, ଶମ୍ଭୁପ୍ରସାଦ ସାହୁ, ଜାନି ସେନାପତି, ସିମାଞ୍ଚଳ ରଣା, କଣ୍ଟାମାଳ ବାର ଏସୋସିଏସନର ସଭାପତି ଦୂତିଆଚରଣ ସାହୁ ପ୍ରମୁଖ ଶତାଧିକ ବିଜେଡ଼ି କର୍ମୀ ଉପସ୍ଥିତ ରହି ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।

**ମନମୁଣ୍ଡା:** ପିଏମ ଶ୍ରୀ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟ ଦହ୍ୟାରେ ଓଡ଼ିଶା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ଛାତ୍ରଛାତ୍ରୀମାନେ ପ୍ରଭାତଫେରିରେ ବିଭିନ୍ନ ସ୍ଲୋଗାନ ଦେଇ ଦହ୍ୟା ଗ୍ରାମ (ହାଟପଦା) ପରିକ୍ରମା କରିଥିଲେ। ପ୍ରଧାନ ଶିକ୍ଷକ ରାଜଲକ୍ଷ୍ମୀ ସ୍ୱାଇଁ ଓଡ଼ିଶାର ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଓଡ଼ିଶା ଦିବସ ସମ୍ପର୍କରେ ଶିକ୍ଷକ, ଶିକ୍ଷୟିତ୍ରୀଗଣ ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇଥିଲେ।

ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଖଟଖଟିଆସ୍ଥିତ ସରକାରୀ ଉପ୍ରା ବିଦ୍ୟାଳୟରେ ଓଡ଼ିଆ ପକ୍ଷ ପାଳନ ଅବସରରେ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷା ବିଜୟଲକ୍ଷ୍ମୀ ଶଥପଥୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବରପୁତ୍ରଙ୍କ ଫଟୋଚିତ୍ରରେ ପୁଷ୍ପ ମଲ୍ୟାର୍ପଣ କରାଯାଇଥିଲା। ଏଥିରେ ଶିକ୍ଷକ ସମୀର ପ୍ରଧାନ ମୁଖ୍ୟବକ୍ତା ଭାବେ ଯୋଗଦେଇ ଓଡ଼ିଶାର ବରପୁତ୍ରମାନଙ୍କ ବଳିଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ରଞ୍ଜୁ ଅମାତ ଯୋଗଦେଇ ଉତ୍କଳ ଗୌରବ ମଧୁସୂଦନଙ୍କ ଭାଷାଭିତ୍ତିକ ରାଜ୍ୟ ଗଠନ ପାଇଁ ତାଙ୍କ ବୁଦ୍ଧିମତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଅନ୍ୟତମ ଶିକ୍ଷକ ନୃପମଣୀ ମହାଳିକ, ବନିତା ମେହେର ପ୍ରମୁଖ ଓଡ଼ିଶା ଦିବସର ମହତ୍ତ୍ୱ ଉପରେ କହିଥିଲେ। ଶେଷରେ ବିଦ୍ୟାଳୟର ଛାତ୍ରୀ ଧରିତ୍ରୀ ବସ୍ତିଆ ଧନ୍ୟବାଦ ଅର୍ପଣ କରିଥିଲେ।

## ଦେବାଙ୍ଗ ସମ୍ପ୍ରଦାୟ ପକ୍ଷରୁ 'ଉଗାଦି' ପାଳିତ



**ସୋନପୁର, ୧।୪(ସମିସ):** ଭାରତୀୟ ସଂସ୍କୃତି ଓ ସଭ୍ୟତା ତଥା ଜାତୀୟତାକୁ ରୁଦ୍ଧିମନ୍ତ କରି ରଖିଥିବା ତେଲଗୁ ସମ୍ପ୍ରଦାୟ ପକ୍ଷରୁ ତେଲୁଗୁ ନବବର୍ଷ 'ଉଗାଦି' ସୁବର୍ଣ୍ଣପୁର ଜିଲ୍ଲାରେ ପାଳିତ ହୋଇଯାଇଛି। ଢେରାପଡ଼ାରେ ରହିଥିବା ତେଲୁଗୁ ଦେବାଙ୍ଗ (ଢେରା) ସମ୍ପ୍ରଦାୟର ଆବାଳ ବୃଦ୍ଧବନିତାଙ୍କ ଦ୍ୱାରା ଏହାକୁ ପାଳନ କରାଯାଇ ଦେଶ ତଥା ମାନବ ଜାତିର ମଙ୍ଗଳ ପାଇଁ ସଂକଳ୍ପ ନିଆଯାଇଥିଲା। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତା ତଥା ବୌଦ୍ଧିକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ବୁଡ଼ିମା ଯୁବକ ସଂଘ ସଭାପତି ଦିଲ୍ଲୀପ ପାତ୍ରଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବରେ ସୋନପୁର ଉପଜିଲ୍ଲାପାଳ ଡ.ସୋମ୍ୟରୂପା ରଥ ଯୋଗଦେଇ ତେଲୁଗୁ ନବବର୍ଷ ଉଗାଦି ପାଳନ ଏକ ସମୃଦ୍ଧ ସଂସ୍କୃତି ଓ ପରମ୍ପରାକୁ ସୂଚାଇଥାଏ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଡ. ଆର୍ତ୍ତତ୍ରାଣ ବାବୁ ଓ ଆଇନଜୀବୀ ପ୍ରଦୀପ ପୁରୋହିତ ଯୋଗ ଦେଇଥିଲେ। ଅବସରରେ ଅନୁଷ୍ଠିତ ହୋଇଥିବା ନୃତ୍ୟ ପ୍ରତିଯୋଗିତା ଜୁନିଅରରେ କେ.ଆରାଧ୍ୟା ଅଂଶିକା, ବି.ସଞ୍ଜନା, ବି.ଦିକ୍ଷିତା ଯଥାକ୍ରମେ ପ୍ରଥମ ଦ୍ୱିତୀୟ ତୃତୀୟ ହୋଇଥିବା ବେଳେ ସିନିଅର ବିଭାଗରେ କେ. ସାଇସରଣ୍ୟା, ଅନିମେଶ, ଅନିକେତ, ଶ୍ୱେତା ତନୁଜା ସେହିପରି ମ୍ୟୁଜିକ ଚେୟାର ବାଳକରେ ଟି.ସାଇ ରାଓ, ଆଦିତ୍ୟ ପାତ୍ର, ଏସ୍ ଆୟୁଷ୍ମାନ ବାଳିକା ବିଭାଗରେ ପୂଜା ପାତ୍ର, ଶ୍ୱେତା ପାତ୍ର, ବି.ପୂର୍ବା ଓ ଡ୍ରଇଂରେ ଅଦିତି ପାତ୍ର, ଆଦିତ୍ୟ ଓ ବିନାୟକ ସେହିପରି ରଙ୍ଗୋଲିରେ ସ୍ୱାତି ପାତ୍ର, ବି.ଐଶ୍ୱର୍ଯ୍ୟା ପ୍ରିୟଦର୍ଶିନୀ, ବି.ସଞ୍ଜନା ଯଥାକ୍ରମେ ପ୍ରଥମ ଦ୍ୱିତୀୟ ଓ ତୃତୀୟ ହୋଇ ଅତିଥିଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲେ। କାର୍ଯ୍ୟକ୍ରମକୁ ଜନ୍ମେଜୟ ପାତ୍ର, ବି.ସତ୍ୟନାରାୟଣ ରାଓ, ଶ୍ୟାମସୁନ୍ଦର ପାତ୍ର ଓ ଅରକ୍ଷିତ ପାତ୍ର ପ୍ରମୁଖ ପରିଚାଳନା କରିଥିଲେ।

## ଅନ୍ତର୍ଜାତୀୟ ତୃତୀୟ ଲିଙ୍ଗି ଦିବସ

ବୌଦ୍ଧ, ୩୧।୩ (ସମିସ):ବୌଦ୍ଧ ଟାଉନ୍ ହଲ୍‌ରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ ତୃତୀୟ ଲିଙ୍ଗୀ ଦିବସ ପାଳିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ତଥା ଭାରପ୍ରାପ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଉପଜିଲ୍ଲାପାଳ ପ୍ରବୀଣ ବାଣୁଆ, ବୌଦ୍ଧ ଜିଲ୍ଲା କିନ୍ନର ସଂଘ ସଭାପତି ଦୀପିକା କିନ୍ନର ମଞ୍ଚାସୀନ ଥିଲେ। ଅତିଥିମାନେ କିନ୍ନରଙ୍କ ସମାନତା ଏବଂ ନ୍ୟାୟ ପାଇଁ ରହିଥିବା ସରକାରଙ୍କ ବିଭିନ୍ନ ଯୋଜନା ବିଷୟରେ ମତବ୍ୟକ୍ତ କରିଥିଲେ। ତୃତୀୟ ଲିଙ୍ଗୀମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ଚଳିତବର୍ଷ ତୃତୀୟ ଲିଙ୍ଗୀ ଦିବସ ପାଳନର ଉଦ୍ଦେଶ୍ୟ ବୋଲି ଅତିଥିଗଣ କହିଥିଲେ। କିନ୍ନର ରାଣୀ ଏବଂ ସୁନିତା ସେମାନଙ୍କ ସମସ୍ୟା ଓ ସମାଜରୁ ମିଳୁଥିବା ନିର୍ଯାତନା ସମ୍ପର୍କରେ ନିଜ ନିଜର ବ୍ୟଥା ବେଦନା ମଞ୍ଚରେ ଉପସ୍ଥାପନ କରିଥିଲେ। ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ରାଜିନ୍ଦ୍ର କିଶାନଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା ତୃତୀୟ ଲିଙ୍ଗୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଜିଲ୍ଲାର ୮ ଜଣ ତୃତୀୟ ଲିଙ୍ଗୀଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ।

## ତରଭା ବାଳକ ହାଇସ୍କୁଲର ବାର୍ଷିକ ଉତ୍ସବ



ତରଭା, ୧।୪(ସମିସ): ନିଜକୁ ହେୟଜ୍ଞାନ ନକରି ସକାରାତ୍ମକ ଭାବନାକୁ ଜାଗ୍ରତ କରି ଶିକ୍ଷା ଗ୍ରହଣକର। ଯେତେ ଶିକ୍ଷା ଲାଭ କଲେ ସୁଦ୍ଧା ଯଦି ଉତ୍ତମ ଚରିତ୍ର ଗଠନ ନହୁଏ ତେବେ ସେହି ଶିକ୍ଷାର କୌଣସି ମୂଲ୍ୟନାହିଁ ବୋଲି ପିଏମ ଶ୍ରୀ ସରକାରୀ ବାଳକ ହାଇସ୍କୁଲର ୭୦ତମ ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ ଏଭଳି ମନ୍ତବ୍ୟ ପ୍ରଦାନ କରିଛନ୍ତି। ପ୍ରଧାନ ଶିକ୍ଷକ ସୁରଜ ସେଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲା ଶିକ୍ଷାଧିକାରୀ ମିନାରାଣୀ ମଙ୍ଗଳ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ତହସିଲଦାର ଶ୍ୱେତାଲିନା ମାହାଣା, ବିଇଓନାରାୟଣ ମିଶ୍ର, ଅତିରିକ୍ତ ତହସିଲଦାର ଦୀପ୍ତିମୟୀ ଭୁଏ, ମୋ-ସ୍କୁଲ ଅଭିଯାନର ସଭାପତି ହରିବନ୍ଧୁ ପାଣିଗ୍ରାହୀ, ଉପନଗରପାଳ ଗଗନ ଅଗ୍ରୱାଲ, ସ୍କୁଲ ପରିଚାଳନା କମିଟିର ସଭାନେତ୍ରୀ ନନ୍ଦିନୀ ରଣା ଓ ରସରାଜ ଅଚ୍ୟୁତ ପୁରୋହିତ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଶିକ୍ଷୟିତ୍ରୀ ଚିନ୍ମୟୀ ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ଶିକ୍ଷକ ସଞ୍ଜୀବ ସେଠୀ ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷକ ସତ୍ୟବ୍ରତ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ମାଟୁଁପାଲିରେ ରାଷ୍ଟ୍ରୀୟ ନବବର୍ଷ ପାଳିତ

ବୀରମହାରାଜପୁର, ୧।୪(ସମିସ): ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ମାଟୁଁପାଲିର ବୀର ସୁରେନ୍ଦ୍ର ସାଏ ପ୍ରଭାତ ଶାଖା ତରଫରୁ ରାଷ୍ଟ୍ରୀୟ ନବବର୍ଷ ପାଳିତ ହୋଇଯାଇଛି କାର୍ଯ୍ୟକ୍ରମରେ ପ୍ରଥମେ ଗୈରିକ ଧ୍ୱଜାକୁ ପୂଜାର୍ଚ୍ଚନା କରିବା ସହିତ ଗ୍ରାମ ପରିକ୍ରମା କରି ଘରେ ଘରେ ରାଷ୍ଟ୍ରୀୟ ନବବର୍ଷ ପାଳନର ମହତ୍ତ୍ୱକୁ କର୍ମକର୍ତ୍ତାମାନେ ବୁଝାଇଥିଲେ। ଅତିଥି ଭାବେ ନିରଞ୍ଜନ ମେଲ୍ଲୀ,ଗଙ୍ଗାଧର ବାଘ, ଶୀତୁନ ଦେହେରୀ, ହୃଷୀକେଶ ଭୁକ୍ତା, ଶାନ୍ତନୁ ମେଲ୍ଲୀ, ଉଦ୍ଧବ ମେଲ୍ଲୀ, ଅର୍ଜୁନ ମାଝୀ ଓ ଲବ ମାଝୀ ଯୋଗଦେଇଥିଲେ। ଶମ୍ଭୁରାଜ କର୍ଣ୍ଣ ଧନ୍ୟବାଦ ଅର୍ପଣ ଦେଇଥିଲେ।

## ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ପାଇଁ କଳସ ଶୋଭାଯାତ୍ରା



ବିନିକା, ୧।୪(ସମିସ): ବିନିକା ଏନ୍‌ଏସି ଅଧୀନ ୨ନଂ ୱାର୍ଡ ଗୁଲାପଡ଼ା ଗ୍ରାମର ଟିକ୍ରାପଡ଼ାରେ ନବନିର୍ମିତ ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ପାଇଁ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଘଣ୍ଟ, ଶଙ୍ଖ ଓ ହୁଳହୁଳି ଧ୍ୱନିରେ ଗ୍ରାମର ଶତାଧିକ ମହିଳା କଳସ ଧରି ମୁକ୍ତିତିର୍ଥ ପାପକ୍ଷୟ ଘାଟରୁ ଜଳଆଣି ସହର ପରିକ୍ରମା ପୂର୍ବକ ନବନିର୍ମିତ ମନ୍ଦିର ସ୍ଥଳକୁ ଆସିଥିଲେ। ପୂଜା ମଣ୍ଡପ ଠାରେ କଳସ ସ୍ଥାପନ କରିଥିଲେ। ତିନିଦିନ ଧରି ମନ୍ଦିର ପ୍ରତିଷ୍ଠା ଉତ୍ସବ ଆୟୋଜିତ ହେବ। ସୁନ୍ଦରାକାଣ୍ଡ ପାରାୟଣ, ନାମ ସଙ୍କୀର୍ତ୍ତନ ଓ ମନ୍ତ୍ରଧ୍ୱନିରେ ପରିବେଶ ପ୍ରକମ୍ପିତ ହେବ।

## ୧୫ ବର୍ଷରୁ କମ୍ ଇଣ୍ଟର କ୍ଲବ୍ ଫୁଟବଲ୍ ପାଇଁ ପ୍ରସ୍ତୁତି

**ସୋନପୁର, ୧।୪(ସମିସ):**




ଆସନ୍ତା ଏପ୍ରିଲ ୭ତାରିଖରେ ସୋନପୁର ଗାନ୍ଧୀ ଷ୍ଟାଡିୟମରେ ୧୫ ବର୍ଷରୁ କମ ଚିଫ ମିନିଷ୍ଟର ଇଣ୍ଟର କ୍ଲବ୍ ଜିଲ୍ଲାସ୍ତରୀୟ ଫୁଟବଲ୍ ଚାମ୍ପିଅନସିପ-୨୦୨୫ ଅନୁଷ୍ଠିତ ହେବ। ଜିଲ୍ଲା କ୍ରୀଡ଼ା ସଂଘ ପକ୍ଷରୁ ଏନେଇ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ବିଭିନ୍ନ ବ୍ଲକର ୬ଟି ଦଳ ସମେତ ସୋନପୁର ମୁନିସିପାଲିଟିର ୪ଟି ଦଳ ତଥା ସମୁଦାୟ ୧୦ଟି ଫୁଟବଲ୍ ଦଳ ଏଥିରେ ଭାଗ ନେବେ। ପ୍ରଥମ ପର୍ଯ୍ୟାୟରେ ୪୦ ଜଣ ଓ ଦ୍ୱିତୀୟ ପର୍ଯ୍ୟାୟରେ ସେଥିରୁ ୨୪ ଜଣ ଖେଳାଳିଙ୍କୁ ରାଜ୍ୟସ୍ତରୀୟ ଫୁଟବଲ୍ ପାଇଁ ମନୋନୀତ କରାଯିବ ବୋଲି ଜିଲ୍ଲା କ୍ରୀଡ଼ା ସଂଘ ସମ୍ପାଦକ ପୀୟୂଷ ପଣ୍ଡା ସମ୍ମିଳନୀରେ ପ୍ରକାଶ କରିଛନ୍ତି। ସରକାରଙ୍କ ସ୍ପୋର୍ଟସ ହଷ୍ଟେଲ, ଓଡ଼ିଶା ଫୁଟବଲ୍ ଆସୋସିଏସନ୍ ଓ ଜିଲ୍ଲା କ୍ରୀଡ଼ା ସଂଘର ମିଳିତ ସହଯୋଗରେ ଅନୁଷ୍ଠିତ ହେବାକୁ ଥିବା ଏହି ଅଣ୍ଡର ୧୫ ଫୁଟବଲ୍ ଚାମ୍ପିଅନସିପ ଦ୍ୱାରା କ୍ରୀଡ଼ା ପ୍ରତିଭାର ବିକାଶ ହେବ ବୋଲି କର୍ମକର୍ତ୍ତାମାନେ ପ୍ରକାଶ କରିଛନ୍ତି। ଓଡ଼ିଶା ଫୁଟବଲ୍ ଆସୋସିଏସନ୍ ଟେକ୍ନିକାଲ କମିଟି ହେଡ୍ ସୁନିଲ ମିତ୍ର ଗାନ୍ଧୀ ଷ୍ଟାଡିୟମ୍ ଓ ଏହାର ଭିତ୍ତିଭୂମି ପରିଦର୍ଶନ କରି ଜିଲ୍ଲା କ୍ରୀଡ଼ା ସଂଘ କର୍ମକର୍ତ୍ତାଙ୍କ ସହିତ ଆଲୋଚନା କରିଛନ୍ତି। ଜିଲ୍ଲା କ୍ରୀଡ଼ା ସଂଘର କାର୍ଯ୍ୟକାରୀ ସଦସ୍ୟ କଇରୁ ସ୍ୱାଇଁ, ପୁରଷୋତ୍ତମ ପାଣିଗ୍ରାହୀ, କୃଷ୍ଣଚନ୍ଦ୍ର ବାଘ, ଦିଲ୍ଲୀପ ଗୁରୁ, ଗୌରୀଶ୍ୟାମ ପଣ୍ଡା, ଭୁକୁଲୁ ବକ୍ସି, ଆଦିତ୍ୟ କିଶୋର ଦାନୀ, ସୁଦର୍ଶନ ପଣ୍ଡା, ଗଙ୍ଗା ତରିଆ, ସୁକାନ୍ତ ସାହୁ ପ୍ରମୁଖ ସମ୍ମିଳନୀରେ ଯୋଗଦେଇଥିଲେ। ବିକାଶ ପଣ୍ଡା ସଭାକୁ ସଂଯୋଜନା କରିଥିଲେ।

## ରଣ୍ଡିମହୁଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ




**ମନମୁଣ୍ଡା, ୩୧।୩(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ରଣ୍ଡିମହୁଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଜଗନ୍ନାଥ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ସଭାର ଆୟୋଜିତ ହୋଇଥିଲା। ଉତ୍ସବରେ ମୁଖ୍ୟ ଅତିଥି ଭାବେ କଣ୍ଟାମାଳ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଉଦ୍ଧବ ମହାଳିକ, ମୁଖ୍ୟବକ୍ତା ଭାବେ କଣ୍ଟାମାଳ ମହାବିଦ୍ୟାଳୟର ଇଂରାଜୀ ଅଧ୍ୟାପକ ଦେବଦାସ ମହାପାତ୍ର, ସମ୍ମାନିତ ଅତିଥି ଭାବେ ସରପଞ୍ଚ ପଞ୍ଚାନନ ସାହୁ, ଏସଏମସି ସଭାପତି ଦେବେନ୍ଦ୍ର ସାହୁ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ମନରଞ୍ଜନ ରାଉଳ, ପୂର୍ବତନ ଏସଏମସି ସଭାପତି ରମାକାନ୍ତ ସାହୁ, ପୂର୍ଣ୍ଣଚରଣ ସାହୁ, ଶିକ୍ଷକ ବୁଧୁରାମ ପଣ୍ଡା, ମୋ ସ୍କୁଲ ଅଭିଯାନର ସଭାପତି ସୁଧୀର ଖଟୁଆ, ଉମାକାନ୍ତ ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ସହକାରୀ ଶିକ୍ଷକ ଆଲୋକ ସାହୁ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ପ୍ରଧାନଶିକ୍ଷକ ଜଗନ୍ନାଥ ମହାପାତ୍ର ସ୍ୱାଗତ ଭାଷଣ ସହ ବାର୍ଷିକ ବିବରଣୀ ପଠନ କରିଥିଲେ। ଶିକ୍ଷକ ପ୍ରଭାତ ଖମାରୀ ମଞ୍ଚ ପରିଚାଳନା କରିଥିଲେ। ଜଗନ୍ନାଥ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ୩ କୁଇଣ୍ଟାଲ ୨୫ କେଜି ଗଞ୍ଜେଇ ଜବତ

● କାର ଓ ବାଇକ ଜବତ, ୨ ଗିରଫ

ଶଗଡ଼ା, ୧।୪(ସମିସ): ଘଣ୍ଟାପଡ଼ା ପୁଲିସ ୨ଟି ସ୍ଥାନରେ ଚଢ଼ଉ କରି ୩ କୁଇଣ୍ଟାଲ ୨୫ କେଜି ଗଞ୍ଜେଇ ଜବତ କରିଛି । ଏକ କାର ଓ ବାଇକ୍ ଜବତ ହୋଇଛି । ୨ ଜଣ ମାଫିଆ ଗିରଫ ହୋଇଛନ୍ତି । ଘଣ୍ଟାପଡ଼ା ଥାନା ନାରାୟଣ ପ୍ରସାଦ ଘାଟ ରାସ୍ତାରେ ଚଢ଼ଉ କରି ଏକ ବାଇକ( ଓଡି ୦୩ ୪୦୭୫)ରୁ ୨୫ କେଜି ଗଞ୍ଜେଇ ଜବତ କରାଯାଇଛି । ନୂଆପାଲି ଗ୍ରାମର ଯୁଧିଷ୍ଠିର ବନଛୋର ଓ ଗୁଣ୍ଡୁଚିତାରା ଗ୍ରାମର ଅଶୋକ ଗହୀର ଗିରଫ ହୋଇଛନ୍ତି । ସେହିପରି ଘଣ୍ଟାପଡ଼ା ପୁଲିସ ପକ୍ଷରୁ ନୂଆପାଲି ଟପର୍ଣ୍ଣା ରାସ୍ତାରେ ଚଢ଼ଉ କରି ଏକ କାର ( ଓଡି ୦୩ଏଏ ୮୮୬୬)ରୁ ୩ କୁଇଣ୍ଟାଲ ଗେଞ୍ଜେଇ ଜବତ କରିଛି । ତେବେ ପୁଲିସକୁ ଦେଖି ମାଫିଆ ଫେରାର ମାରିଥିଲା ।

## ତହସିଲଦାରଙ୍କ ନାଁରେ ଇଟାଭାଟିରୁ ବଟି ଆଦାୟ ଅଭିଯୋଗ

ଦେଓଗାଁ, ୧।୪(ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ତହସିଲ ଅଧୀନ ବିଭିନ୍ନ ଗାଁରୁ କିଛିଦିନ ହେଲା କେତେଜଣ ଯୁବକ ତହସିଲଦାରଙ୍କ ନାଁନେଇ ଅଥବା ନିଜକୁ ଗଣମାଧ୍ୟମ ପ୍ରତିନିଧି ଦର୍ଶାଇ ଇଟାଭାଟିରୁ ବଟି ଆଦାୟ କରୁଥିବା ଅଭିଯୋଗ ହେଉଛି । ବଟି ମାଗୁଥିବା ସମୟର କିଛି ଭିଡିଓ ମଧ୍ୟ ସାମାଜିକ ଗଣମାଧ୍ୟମରେ ଘୁରିବୁଲୁଥିବା ଦେଖିବାକୁ ମିଳିଛି । ଫଳରେ ସାଧାରଣରେ ଏବେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ବର୍ତ୍ତମାନ ପ୍ରାୟ ଗାଁ ମାନଙ୍କରେ ବେଆଇନ ଭାବେ ଛୋଟବଡ଼ ଇଟାଭାଟି ଗଢ଼ି ଉଠିଥିବାବେଳେ ଅନେକ ବ୍ୟବସାୟୀ ଇଟାବେପାର ମଧ୍ୟ ଆରମ୍ଭ କରିଛନ୍ତି । ମାତ୍ର କେତୋଟି ଇଟାଭାଟି ମାଲିକ ତହସିଲରେ ରୟାଲଟି କାଟୁଥିବାବେଳେ କମ୍ ରୟାଲଟି ବୁଝାଇ ଲକ୍ଷ ଲକ୍ଷ ଇଟା ତିଆରି କରିଚାଲିଛନ୍ତି । କିଛିଦିନ ତଳେ ଦେଓଗାଁ ତହସିଲରେ ନୂତନ ତହସିଲଦାର ଯୋଗଦେଇଛନ୍ତି । ସେ ପ୍ରାୟତଃ ଗାଁ ବୁଲି ନ ଥିବାବେଳେ ଏହାର ସୁଯୋଗ ନେଇ କିଛି ଯୁବକ ଇଟାଭାଟିକୁ ଇଟାଭାଟି ମାଲିକଙ୍କୁ ଡରାଇବାସହ ବଟି ନ ଦେଲେ ତହସିଲଦାରଙ୍କୁ ଏବେ ଡାକୁଛୁ କହି ଟଙ୍କା ଅସୁଲି କରୁଥିବା ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି । ଏନେଇ ତହସିଲଦାର ନର୍ମଦା ନାୟକଙ୍କୁ ପଚାରିବାରୁ ବେଆଇନ ଇଟାଭାଟି ଚାଲିଥିବା ଅଭିଯୋଗ ପାଇଛି, କାର୍ଯ୍ୟାନୁଷ୍ଠାନ ନେବାକୁ ଆରଆଇମାନଙ୍କୁ ନିର୍ଦ୍ଦେଶ ଦେଇଛି, ସ୍ୱାସ୍ଥ୍ୟଗତ କାରଣରୁ ଛୁଟିରେ ଅଛି । ମୁଁ ଯୋଗଦେଲା ପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବି ବୋଲି ପ୍ରତିକ୍ରିୟା ଦେଇଛନ୍ତି ।

## ଗ୍ରାମବାସୀଙ୍କ ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟ ଘେରଉ

ମନମୁଣ୍ଡା, ୧।୪(ସମିସ): ଗୋଟିଏ ପଟେ ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଲାଗି ରହିଛି । ଅନ୍ୟପଟେ ଲୋକେ ଲୋ ଭୋଲଟେଜ ସମସ୍ୟାରେ ଧନ୍ଦି ହେଉଛନ୍ତି । ମନମୁଣ୍ଡା ଥାନା ଲୋକାପଡ଼ା ପଞ୍ଚାୟତ ଗବଜୋର ଗ୍ରାମର ମାଣିକେଶ୍ୱରୀ ପଡ଼ାବାସୀ ଏହି ସମସ୍ୟାରେ ପେଶି ହେଉଛନ୍ତି । ଏଥିରେ ଅତିଷ୍ଠ ହୋଇ ଶେଷରେ ସେମାନେ ମନମୁଣ୍ଡା ବିଦ୍ୟୁତ କାର୍ଯ୍ୟାଳୟ ଘେରିଥିଲେ । ତେବେ ଲିଖିତ ପ୍ରତିଶ୍ରୁତି ପାଇବା ପରେ ବିକ୍ଷୋଭରୁ ହଟିଥିଲେ । ଖୁବଶୀଘ୍ର ସମସ୍ୟାର ସମାଧାନ ନ ହେଲେ ପୁଣି ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଗ୍ରାମବାସୀ କହିଛନ୍ତି ।

## ଓଡ଼ିଶା ପୁଲିସର ପ୍ରତିଷ୍ଠା ଦିବସ

ବଲାଙ୍ଗିର, ୧।୪(ସମିସ): ବଲାଙ୍ଗିର ମନୋହରପୁର ସ୍ଥିତ ରିଜର୍ଭ ପୁଲିସ ପଡ଼ିଆରେ ଜିଲ୍ଲାସ୍ତରୀୟ ପୁଲିସ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବଲାଙ୍ଗିର ଏସ୍‌ପି ଅଭିଲାଷ ଜି ଯୋଗଦେଇଥିଲେ । ଓଡ଼ିଶା ପୁଲିସ ପ୍ରତିଷ୍ଠା ଦିବସ ପାଳନ ଅବସରରେ ଏସ୍‌ପି ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଥିଲେ । ଏହାସହିତ ଓଡ଼ିଶାର ରାଜ୍ୟପାଳ, ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ପଠନ କରିଥିଲେ । ଓଡ଼ିଶା ପୁଲିସ ରେ ରହି ସେବା କ୍ଷେତ୍ରରେ କର୍ତ୍ତବ୍ୟପରାୟନତାର ପରାକାଷ୍ଠା ଦେଖାଇଥିବା ପୁଲିସ କର୍ମଚାରୀଙ୍କୁ ଏସ୍‌ପି ସମ୍ବର୍ଦ୍ଧିତ କରିଥିଲେ ।



**ବୌଦ୍ଧ:** ବୌଦ୍ଧ ବ୍ଲକ ବଲାସିଙ୍ଗାସ୍ଥିତ ଜିଲ୍ଲା ପୁଲିସ ରିଜର୍ଭ ପଡ଼ିଆରେ ଓଡ଼ିଶା ପୁଲିସର ପ୍ରତିଷ୍ଠା ଦିବସ ପାଳିତ ହୋଇଛି । ଏସ୍‌ପି ରାହୁଲ୍ ଗୋୟଲ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ ଶ୍ରୀ ଗୋୟଲ ସମସ୍ତ ପୁଲିସ କର୍ମଚାରୀଙ୍କୁ ଶୁଭେଚ୍ଛା ଜଣାଇ ସଚୋଟ, କର୍ମତତ୍ପର ଓ ଶୃଙ୍ଖଳିତ ହେବାକୁ ପରାମର୍ଶ ଦେଇଥିଲେ । ଶେଷରେ ଉତ୍କୃଷ୍ଟ ପୁଲିସ ସେବା ପାଇଁ ଅଧିକାରୀ ଓ କର୍ମଚାରୀଙ୍କୁ ଆର୍ଥିକ ପୁରସ୍କାର ଓ ପ୍ରମାଣ ପତ୍ର ପ୍ରଦାନ କରିଥିଲେ । ଜିଲ୍ଲାପାଳ ସୁବ୍ରତ ପଣ୍ଡା, ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଉପ ଜିଲ୍ଲାପାଳ ପ୍ରବୀଣ ବାଣୁଆ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ସହକାରୀ ଆରକ୍ଷୀ ଅଧିକ୍ଷକ ସାର୍ଥକ ରାୟ ସଂଯୋଜନା କରିଥିଲେ ।

## ଦୁର୍ଘଟଣାରେ ଦୁଇ ବାଇକ୍ ଆରୋହୀ ଗୁରୁତର

ଧର୍ମଗଡ଼, ୧।୪(ସମିସ): କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବ୍ଲକ ଡୁମେରଗୁଡା ପଞ୍ଚାୟତ ମୁଖିଗୁଡା ନିକଟରେ ଭାରସାମ୍ୟ ହରାଇ ଦୁଇଜଣ ବାଇକ ଆରୋହୀ ଗୁରୁତର ହୋଇଛନ୍ତି । ଗୁରୁତର ଦୁଇ ବାଇକ ଆରୋହୀ ହେଉଛନ୍ତି କେରମୁଣ୍ଡା ଗ୍ରାମର ବିଦ୍ୟା ଗହୀର (୨୭) ଏବଂ ଗୋବିନ୍ଦ ବାଗ । ବାଇକ ଯୋଗେ ଏମାନେ ନିଜ ଗାଁକୁ ଯାଉଥିବା ବେଳେ ଦୁର୍ଘଟଣାର ଶିକାର ହୋଇଥିଲେ । ସ୍ଥାନୀୟ ଲୋକେ ଉଦ୍ଧାର କରି ଧର୍ମଗଡ଼ ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ଦୁର୍ଘଟଣାରେ ବିଦ୍ୟା ଗହୀରଙ୍କ ନାକ ଛିଣ୍ଡି ଯାଇଛି । ତାଙ୍କୁ ଧର୍ମଗଡ଼ରେ ପ୍ରାଥମିକ ଚିକିତ୍ସା ପରେ ଭବାନୀପାଟଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି ।

## ଏକାଦଶକୁଣ୍ଡୀୟ ବାର୍ଷିକ ବୈଦିକ ଦେବଯଜ୍ଞ ଉତ୍ସବ

ପଲଶାଗୋରା, ୧।୪(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଲ ବ୍ଲକ ରୁଣ୍ଡିମହୁଲସ୍ଥିତ ଭାଗବତ ପାରାୟଣ ସନ୍ଥ ଆଶ୍ରମରେ ଏକାଦଶକୁଣ୍ଡୀୟ ବାର୍ଷିକ ବୈଦିକ ଦେବଯଜ୍ଞ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପଣ୍ଡିତ ଦୁର୍ଯ୍ୟୋଧନ ଦାସଙ୍କ ପୌରୋହିତ୍ୟରେ ଏହା ଅନୁଷ୍ଠିତ ହୋଇଥିଲା । ସଂସ୍କୃତ ଶିକ୍ଷକ ପଣ୍ଡିତ ନିରଞ୍ଜନ ସାହୁଙ୍କ ଉଦ୍ୟମରେ ଦଧିବାବନ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସହଯୋଗରେ ଏହି ଯଜ୍ଞକାର୍ଯ୍ୟ ହୋଇଥିଲା । ସକାଳୁ କଳସ ଶୋଭାଯାତ୍ରା ପରେ ସ୍ଥାନୀୟ ସରପଞ୍ଚ ପଞ୍ଚାନନ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓମଧ୍ୱଜା ଉତ୍ତୋଳନ କରିଥିଲେ । ଅତିଥି ଭାବେ ଜିଲ୍ଲା ଅତିରିକ୍ତ ଶିକ୍ଷା ଅଧିକାରୀ ଘନଶ୍ୟାମ ମେହେର ଓ ତାଙ୍କ ପତ୍ନୀ ସବିତା ମେହେର ଯୋଗ ଦେଇଥିଲେ । ଏହାପରେ ଯଜ୍ଞ ଆରମ୍ଭ ହୋଇଥିଲା । ଭଗବାନ ଆର୍ଯ୍ୟ, ରଘୁନାଥ ଆର୍ଯ୍ୟ, ଉପେନ୍ଦ୍ର ଆର୍ଯ୍ୟ, ବ୍ରହ୍ମଚାରୀ ସୁମନ୍ତ, ଲଳିତ ମେହେର, ସଂସ୍କୃତ ଅଧ୍ୟାପକ ପୌଲସ୍ତି ପ୍ରଧାନ ବେଦ ଉପରେ ଆଲୋଚନା କରିଥିଲେ । ପ୍ରବଚିକା ସୌଦାମିନୀ ପ୍ରଧାନ ସାମବେଦ ଉପରେ ସାରଗର୍ଭକ ଦିଗଦର୍ଶନ ପ୍ରଦାନ କରିଥିଲେ । ଆଶ୍ରମର କର୍ମକର୍ତ୍ତା ବିରୂପାକ୍ଷ ବାରିକ, ଉମାକାନ୍ତ ବାରିକ, ମୁରଲୀ ସାହୁ, ଦେବଗଣ ସାହୁ, ଦିନକୃଷ୍ଣ ବାନପ୍ରସ୍ତି, ଲକ୍ଷ୍ମଣ ଭୋଇ, ଲୋଚନ ବିଶି, ସବିତା ସାହୁ, ସୁଦର୍ଶନ ସାହୁ, ଟିକେଶ୍ୱର ସାହୁ, ଜାନକୀ ଆର୍ଯ୍ୟ ସହଯୋଗ କରିଥିଲେ ।

# ସଙ୍କୁଚିତ ହେଉଛି ଇନ୍ଦ୍ରାବତୀ ଜଳ ବିଦ୍ୟୁତ୍ ପ୍ରକଳ୍ପ

**ଜୟପାଟଣା, ୧।୪(ସମିସ):**



ଶୁଖିବାରେ ଲାଗିଛି ଇନ୍ଦ୍ରାବତୀ ଜଳ ବିଦ୍ୟୁତ୍ ପ୍ରକଳ୍ପ । ପଙ୍କରେ ପୋତି ହେଉଛି । ଏହାର କାରଣ ଓ ସ୍ଥାୟୀ ନିରାକରଣ ପାଇଁ କାହାରି ତତ୍ପରତା ଦେଖିବାକୁ ମିଳୁନାହିଁ । ୧୯୭୮ରେ ଇନ୍ଦ୍ରାବତୀ ଜଳବିଦ୍ୟୁତ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇଥିଲା । ୨୦୦୧ ବେଳକୁ ପ୍ରକଳ୍ପ ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକ୍ଷମ ହୋଇଛି । ଏହାର ୪ଟି ଟର୍ବାଇନ ଯୋଗେ ୬୦୦ ମେଗାୱାଟ ବିଦ୍ୟୁତ ଶକ୍ତି ଉତ୍ପାଦନ ସହ ବାମ ଓ ଡାହାଣ ମୁଖ୍ୟ କେନାଲ ମାଧ୍ୟମରେ କଳାହାଣ୍ଡି ଜିଲ୍ଲାର ୮ଟି ବ୍ଲକ ୧ ଲକ୍ଷ ୨୮ ହଜାର ୧୨ ହେକ୍ଟର ଚାଷଜମିରେ ଜଳ ସେଚନ ହେଉଛି । ଏହାଫଳରେ କଳାହାଣ୍ଡି ଜିଲ୍ଲାର ମରୁଡ଼ି ଗ୍ରାସ ଅଞ୍ଚଳ ସବୁଜ ଶ୍ୟାମଳ ହେବା ସହ ଚାଷୀଙ୍କ ମେରୁଦଣ୍ଡ ସଦୃଢ଼ କରିପାରିଛି । ଅନ୍ୟପଟେ୬୦୦ ମେଗାୱାଟ ବିଦ୍ୟୁତ ରାଜ୍ୟର ଏକ ବଡ଼ ଆବଶ୍ୟକତାକୁ ପୂରଣ କରୁଛି । ବର୍ତ୍ତମାନ କିନ୍ତୁ ଏହି ପ୍ରକଳ୍ପ ବିପଦରେ ଗତି କରୁଛି । ଲଗାତାର ଭାବେ ଜଳଭଣ୍ଡାରରେ ନିମ୍ନ ଜଳସ୍ତର ସମସ୍ତଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି । ଜଳ ଭଣ୍ଡାରର ସର୍ବୋଚ୍ଚ ଜଳ ଧାରଣ କ୍ଷମତା ୬୪୨ ମିଟର ରହିଥିବା ବେଳେ ସର୍ବନିମ୍ନ ଜଳସ୍ତର ହେଉଛି ୬୨୫ ମିଟର; କିନ୍ତୁ ଲଗାତାର ଭାବେ କିଛି ବର୍ଷ ହେଲା ଜଳଭଣ୍ଡାରର ଜଳସ୍ତର ହ୍ରାସକୁ ନେଇ କଳାହାଣ୍ଡି ଜିଲ୍ଲାର ଚାଷୀ ଚିନ୍ତାରେ ପଡ଼ିଲେଣି । ଅନ୍ୟପକ୍ଷରେ କେବଳ ବର୍ଷାକୁ ଦ୍ୱାହି ଦେଇ ନିଜର ସବୁ ଦୋଷ ଦୁର୍ବଳତାକୁ ବିଭାଗୀୟ ଅଧିକାରୀ ଲୁଚାଉ ଦେଉଛନ୍ତି । ବେଳ ଥାଉ ଥାଉ ଯଦି ଏହାର ସ୍ଥାୟୀ ସମାଧାନ ନ ହୁଏ ତେବେ କଳାହାଣ୍ଡି ଜିଲ୍ଲାକୁ ସବୁଜ ଶ୍ୟାମଳ କରିଥିବା ଇନ୍ଦ୍ରାବତୀ ପ୍ରକଳ୍ପ ଦିନେ ତା ଅସ୍ତିତ୍ୱ ହରାଇ ବସିବ । ଏକଥା କୁ ଏଡାଇ ହେବନାହିଁ । ଅନ୍ୟପଟେ ଧୀରେ ଧୀରେ ପଙ୍କରେ ପୋତି ହେଉଛି ଜଳ ଭଣ୍ଡାର । ଉପର ମୁଣ୍ଡରେ ଜଙ୍ଗଲ କ୍ଷୟ ସହ ଆବଶ୍ୟକ ସୁରକ୍ଷା ବାଡ଼ ଅଭାବରୁ ପ୍ରତି ବର୍ଷ ବର୍ଷାଜଳ ସହ ପଙ୍କ, କାଦୁଅ, ମାଟି, ପଥର ଜଳ ଭଣ୍ଡାରରେ ଅବାଧରେ ପ୍ରବେଶ କରୁଛ । ଏହାର ସ୍ଥାୟୀ ସମାଧାନ ନ କରି କେବଳ ପଙ୍କ ଉଦ୍ଧାର କାର୍ଯ୍ୟରେ କୋଟି କୋଟି ଟଙ୍କା ପାଣି ଭଳି ଖର୍ଚ୍ଚ ହେଉଛି । ୨୦୨୨ରୁ ୨୦୨୪ ପର୍ଯ୍ୟନ୍ତ ପଙ୍କ ଉଦ୍ଧାର କାର୍ଯ୍ୟ ପାଇଁ ୨୪ କୋଟି ଟଙ୍କା ଖର୍ଚ୍ଚ ହୋଇଛି । ତେବେ ୨୩ ଶହ କ୍ୟୁବିକ ମିଟର ଜଳ ଧାରଣ କ୍ଷମତା ଥିବା ୨୬୩୯ ବର୍ଗ କିମିକୁ ବ୍ୟାପି ରହିଥିବା ଜଳ ଭଣ୍ଡାରରେ କେତେ ପଙ୍କ ଜମା ହୋଇଥିବ ତାହାର ଆକଳନ ଅସମ୍ଭବ ହୋଇପଡ଼ିଛି । ଚିରସ୍ରୋତା ଇନ୍ଦ୍ରାବତୀ ନଦୀ ସହ ମୁରାଣ, ପୋଡ଼ାଗଡ଼, କପୁର ନଦୀର ପାଣି ଜଳ ଭଣ୍ଡାରରେ ମିଶୁଛି; କିନ୍ତୁ କିଛି ବର୍ଷ ହେଲା ଜଳସ୍ତର ଆଶାନୁରୂପ ବୃଦ୍ଧି ପାଉନାହିଁ । ଗୋଟିଏ ପଟେ ନିଅଣ୍ଟ ଜଳ ଆଉ ଅନ୍ୟପଟେ ପ୍ରବଳ ଜଳର ବ୍ୟବହାର ବର୍ତ୍ତମାନ ଚିନ୍ତାରେ ପକାଇଛି । ବର୍ତ୍ତମାନ ବାମ ଓ ଡାହାଣ କେନାଲ ଦ୍ୱାରା ଚଳିତ ରବି ଚାଷ ପାଇଁ ହେକ୍ଟର ସୀମିତ ଅଞ୍ଚଳରେ ଜଳ ସେଚନ ହେଉଛି । ସେଥିପାଇଁ ପ୍ରତିଦିନ ୬୫ କ୍ୟୁବିକ ମିଟର ପାଣି ଆବଶ୍ୟକ ହେଉଛି । ତେବେ ଜଳ ସେଚନକୁ ଦୃଷ୍ଟିରେ ରଖି ଦୈନିକ ୧୯୫ରୁ ୨୧୦ ମେଗାୱାଟ ବିଦ୍ୟୁତ ଉତ୍ପାଦନ କରାଯାଉଛି । ଦିନେ ଦିନେ ଏସଏଲଡିସିର କମ୍ ବିଦ୍ୟୁତ ଅବଶକତା ଜଳ ସେଚନକୁ ପ୍ରଭାବିତ କରୁଛି । ତେବେ ଇନ୍ଦ୍ରାବତୀ ଜଳ ଭଣ୍ଡାରର ସ୍ଥାୟୀ ସମାଧାନ, ଜଳସ୍ତର ହ୍ରାସର କାରଣ ଖୋଜିବା, ପଙ୍କ ନିରୋଧୀ ବାଡ଼ ନିର୍ମାଣ, ପଙ୍କ ଉଦ୍ଧାରର ଉତ୍ତର ଦେବାକୁ କେହି ନାହିଁ । ଧୀରେ ଧୀରେ ଇନ୍ଦ୍ରାବତୀର ଦୁଃଖ ବୃଦ୍ଧି ପାଉଛି । ଦାୟିତ୍ୱରେ ଥିବା ଅଧିକାରୀଙ୍କ ପାଇଁ ଚାଷୀଙ୍କ ଭାଗ୍ୟ ଓ ଭବିଷ୍ୟତ ବିପନ୍ନ ହେବା ଆଶଙ୍କା ଏବେଠୁ ଜଳ ଜଳ ଦିଶିଲାଣି ।

## ଓଏଭିରେ ଅଭିଭାବକ ସମ୍ମିଳନୀ



**ବଲାଙ୍ଗିର, ୧।୪( ସମିସ):** ପଥରଚେପା ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଅଭିଭାବକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଶତାଧିକ ଅଭିଭାବକ ଉପସ୍ଥିତରହି ଚଳିତ ଶିକ୍ଷାବର୍ଷ ପାଇଁ ପ୍ରସ୍ତୁତ ବିଭିନ୍ନ କାର୍ଯ୍ୟଖସଡ଼ା ଉପରେ ଅଂଶଗ୍ରହଣ କରି ପିଲାମାନଙ୍କ ଭବିଷ୍ୟତକୁ ଆହୁରି କ୍ରିୟାଶୀଳ କରିବା ପାଇଁ ମତବ୍ୟକ୍ତ କରିଥିଲେ । ଶିକ୍ଷାବର୍ଷ ୨୦୨୪-୨୫ ର ପିଲାଙ୍କ ରିପୋର୍ଟ କାର୍ଡ ବଣ୍ଟନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଆକାଶ କୁମାର ମିଶ୍ର, ସବିତା ମହାପାତ୍ର, ମୁକ୍ତେଶ୍ୱର କୁମ୍ଭାର, ଗଜମଣି ବାଗ, ବିଜୟ ରଞ୍ଜନ କର୍ମୀ, ମାନସ ରଞ୍ଜନ ପ୍ରଧାନ, ଦେବେଶ ମେହେର, ଶେଷଦେବ ମିଶ୍ର, ସୀମାଞ୍ଚଳ ସାହୁ, ପ୍ରଭୁଦାନନ୍ଦ ନାଏକ, ନରୋତ୍ତମ ପଟେଲ, ଗୀତାଞ୍ଜଳି ମେହେର, ଅଲିଭା ଦୀପ, ନବନୀତା ନାଏକ, ଶୁଭଶ୍ରୀ ସାହୁ, ନୀଳଞ୍ଜନା ବକ୍ସଲା, ଅନ୍ନପୂର୍ଣ୍ଣା ପୁରୋହିତ, ସେଫାଲି ପଧାନ, ଅନନ୍ତ ପୋଢ଼, ସ୍ମିତା ଲାକ୍ରା, ଅଙ୍କିତା ପାଣିଗ୍ରାହୀ, ଅନୀଲ ସେଠ, ରାମାନନ୍ଦ ସା, ପ୍ରସନ୍ନ ପୁଟେଲ, ଅଞ୍ଜଳି ଷାଣ୍ଡ, ସୁମୀ ବାଗ ପ୍ରମୁଖ ଉପସ୍ଥିତ ଥିଲେ । ଶିକ୍ଷୟିତ୍ରୀ ସିପ୍ଲିସା ଦାଶ ମଞ୍ଚ ପରିଚାଳନା କରିଥିବାବେଳେ ବରିଷ୍ଠ ଶିକ୍ଷକ ମୁକ୍ତେଶ୍ୱର କୁମ୍ଭାର ଧନ୍ୟବାଦ ଅର୍ପଣ କରିଥିଲେ ।

## ସରକାରୀ ମହିଳା ମହାବିଦ୍ୟାଳୟରେ ସମ୍ମାନ



**ବଲାଙ୍ଗିର, ୧।୪(ସମିସ):** ସ୍ଥାନୀୟ ସରକାରୀ ମହିଳା ମହାବିଦ୍ୟାଳୟରେ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ଅନୁକୂଲ୍ୟରେ ଏକଦିବସୀୟ ଜାତୀୟ ସମ୍ମାନ ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଅରବିନ୍ଦ ଓଝାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସୁଦୂର ବିଶ୍ୱଭାରତି, ଶାନ୍ତିନିକେତନରୁ ଅନଲାଇନ ମୋଡରେ ବିଷୟ ବିଶେଷଜ୍ଞ ଡ.କୈଳାସ ପଟ୍ଟନାୟକ ନିଜ ବକ୍ତବ୍ୟରେ 'ସ୍ୱାଧୀନତା ପରବର୍ତ୍ତୀ ଓଡିଆ ଉପନ୍ୟାସରେ ଇତିହାସର ସ୍ୱର ଓ ସ୍ୱାକ୍ଷର' ଶୀର୍ଷକ ଉପରେ ଆଲୋଚନା କରିଥିଲେ । ମୁଖ୍ୟ ଅତିଥି ଭାବେ ଡ. ଅଶୋକ କୁମାର ଦାଶ ସାର୍ଥକ ଐତିହାସିକ ଉପନ୍ୟାସର ବିଧିବଦ୍ଧ ପରିଭାଷା, ଉଦ୍ଦେଶ୍ୟ ଓ ପରିସର ସମ୍ପର୍କରେ ଆଲୋଚନା କରିଥିଲେ । ସମ୍ମାନିତ ଅତିଥି ଭାବେ ସୋନପୁର ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡ. କେଦାରନାଥ ମିଶ୍ର ଯୋଗଦେଇ ଥିଲେ । ବିଭୂତି ଭୂଷଣ ସାହୁ, ସହକାରୀ ପ୍ରଫେସର ରତିକାନ୍ତ ନାଏକ ଓ ସମ୍ମାନର ଆବାହକ ଡଃ ସରୋଜ କୁମାର ଜଗଦଲା ମଞ୍ଚାସୀନ ଥିଲେ । ଏହି ଆଲୋଚନାଚକ୍ରରେ ସାତ ଜଣ ଗବେଷକ ଅଧ୍ୟାପକ ଡ. ଲିଙ୍ଗରାଜ ସାହୁ, ଜିତେନ୍ଦ୍ର ତ୍ରିପାଠୀ, ଡ. ମୀନକେତନ କୁମ୍ଭାର, ଡ. କୌତୁକ ପଦର, ସହକାରୀ ପ୍ରଫେସର ରତିକାନ୍ତ ନାଏକ, ଗବେଷକ ରଞ୍ଜନ ମାଝୀ ପ୍ରମୁଖ ଭିତ୍ତିପ୍ରବନ୍ଧ ଉପସ୍ଥାପନ କରିଥିଲେ । ସମୀକ୍ଷକ ଭାବେ ଡ. ଅଶୋକ କୁମାର ଦାଶ ଯୋଗ ଦେଇଥିଲେ । ଉଦ୍‌ଯାପନୀ ଉତ୍ସବରେ ଅତିଥି ଭାବେ ଡ. ଇତିଶ୍ରୀ ଦାଶ ଯୋଗ ଦେଇଥିଲେ । ଶିବାନୀ ତାଣ୍ଡ ସଂଯୋଜନା କରିଥିବା ବେଳେ ଅଧ୍ୟାପକ ବିପ୍ଳବ ପଧାନ ଧନ୍ୟବାଦ ଦେଇଥିଲେ ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ହିନ୍ଦୁ ନବବର୍ଷ

**ବୀରମହାରାଜପୁର, ୧।୪(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ହିନ୍ଦୁ ନବବର୍ଷ ପାଳିତ ହୋଇଯାଇଛି । କମିଟିର ସଭାପତି ରୁଦ୍ରାକ୍ଷ ସାହୁଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମରେ ସମ୍ପାଦକ ରାଜେନ୍ଦ୍ର କୁମାର ପ୍ରଧାନ, ଉପସଭାପତି ଭାଗିରଥି ମେହେର, ଯୁଗ୍ମ ସମ୍ପାଦକ ପ୍ରଫୁଲ୍ଲ ତାଙ୍ଗ ପ୍ରମୁଖ ହିନ୍ଦୁ ନବବର୍ଷ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ । ପ୍ରଧାନ ଆଚାର୍ଯ୍ୟ ଜନକ ରାମ ପଟେଲ୍ ସ୍ୱାଗତ ଭାଷଣ ତଥା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଆଚାର୍ଯ୍ୟା ସନ୍ତୋଷିନୀ ସାମନ୍ତରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।ଗୁରୁଜୀ ଉମେଶ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ସଭା ଶେଷରେ ଶିଶୁ ବିଦ୍ୟାମନ୍ଦିରର ଭଉଣୀ ଭାଇ ମାନେ ସଂକୀର୍ତ୍ତନ୍ୟ କରି ନଗର ପରିକ୍ରମା କରିଥିଲେ । ଜଗନ୍ନାଥ ମନ୍ଦିର ଓ ଦୁର୍ଗା ମନ୍ଦିର ପରିକ୍ରମା କରି ପୂଜାର୍ଚ୍ଚନା କରିଥିଲେ ।

## ସମାଜର ସୁସ୍ଥତା ପାଇଁ ଅଷ୍ଟାଙ୍ଗ ଯୋଗ ଆବଶ୍ୟକ

**ବୀରମହାରାଜପୁର, ୧।୪(ସମିସ)** :ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ଉପଖଣ୍ଡ ଅନ୍ତର୍ଭୁକ୍ତ ନାକଡେଇଁ ଗ୍ରାମରେ ଏକଲ୍ ଅଭିଯାନର ବାର୍ଷିକ ପ୍ରଶିକ୍ଷଣ ଅଭ୍ୟାସ ବର୍ଗ ସମାରୋପ ହୋଇଯାଇଛି ।ସମ୍ବଲପୁର ଅଞ୍ଚଳର ଉଲୁଣ୍ଡା ସଞ୍ଚ ଓ ବୀରମହାରାଜପୁର ସଞ୍ଚ ଦୁଇଟି ସଞ୍ଚକୁ ନେଇ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ସମାରୋପ ହୋଇଯାଇଛି । ବିବରଣୀ ପାଠ କରିଥିଲେ ଦେବାର୍ଚ୍ଚନ ନାୟକ ଓ ମଞ୍ଚାସୀନ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ ସମ୍ବଲପୁର ଅଭିଯାନ ପ୍ରମୁଖ ପ୍ରଦୀପ କୁମାର ସ୍ୱାଇଁ । କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଖେମଲୋଏ ପଞ୍ଚାୟତ ସରପଞ୍ଚ ଯଶୋବନ୍ତ ପଣ୍ଡା ମତ ରଖିଥିଲେ ।ବର୍ତ୍ତମାନ୍ ସମାଜରେ ଗୁରୁକୁଳକୁ ଅନୁକରଣ କରି ଉତ୍ତମ ସଂସ୍କାର ମାଧ୍ୟମରେ ଶିକ୍ଷା ଦେବା ଆବଶ୍ୟକ ବୋଲି ସମସ୍ତେ ମତ ରଖିଥିଲେ । ମୁଖ୍ୟବକ୍ତା ଅନ୍ତର୍ଯ୍ୟାମୀ ସାହୁ ରାଷ୍ଟ୍ର ନିର୍ମାଣ ପାଇଁ ଆମ ସମସ୍ତଙ୍କର ଗୁରୁ ଦାୟିତ୍ୱ ବୋଲି ମତବ୍ୟକ୍ତ କରିଥିଲେ ।ସମ୍ମାନନୀୟ ଅତିଥି ଯୋଗ ଗୁରୁ ହୃଷୀକେଶ ଦେହେରୀ ବର୍ତ୍ତମାନ ସମାଜର ସୁସ୍ଥତା ପାଇଁ ଅଷ୍ଟାଙ୍ଗ ଯୋଗର ଆବଶ୍ୟକତା ରହିଛି ବୋଲି କହିଥିଲେ ।ଏକଲ ଅଭିଯାନର କର୍ମକର୍ତ୍ତା ପ୍ରାଥମିକ ଶିକ୍ଷା ପ୍ରମୁଖ ଶଶିଭୂଷଣ ନାୟକ, ଉଲୁଣ୍ଡା ସଞ୍ଚ ପ୍ରମୁଖ ଦେବାର୍ଚ୍ଚନ ନାୟକ ପ୍ରମୁଖ କାଳିଆ କଲତା ଉପସ୍ଥିତ ଥିଲେ ।ଏଥିରେ ସତସଙ୍ଗ, ବୌଦ୍ଧିକ, ଶୈକ୍ଷିକ, ଶାରିରୀକ, ସଫେଇ, ଯୋଗ ଅଭ୍ୟାସ କାର୍ଯ୍ୟକ୍ରମ ପ୍ରତିଦିନ ରହିଥିଲା ।ଶେଷରେ ବିନାୟକ ବାଘ ଧନ୍ୟବାଦ ଦେଇଥିଲେ ।

## ମା'ମାହେଶ୍ୱରୀ କ୍ରିକେଟ କପ୍ ଉଦ୍‌ଯାପିତ



**ସୁବଳୟା, ୧।୪ (ସମିସ):**

ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ଖଣ୍ଡହତା ପଞ୍ଚାୟତ ଅନ୍ତର୍ଗତ ବଡ଼ବର୍ଡାକଟାରେ ୧୫ ବର୍ଷରୁ କମ୍ ମା'ମାହେଶ୍ୱରୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି ।ଫାଇନାଲ ମ୍ୟାଚ୍‌ରେ ଲୁଡୁରପଙ୍କକୁ ହରାଇ ମେଣ୍ଡିଲିପାଲି ଦଳ ଚାମ୍ପିଅନ ହୋଇଛି । ଟୁର୍ଣ୍ଣାମେଣ୍ଟରେ ସମୁଦାୟ ୮ ଟି ଦଳ ଅଂଶ ଗ୍ରହଣ କରିଥିଲେ । ଫାଇନାଲ ମ୍ୟାଚ୍‌ଟି ଦୁଇଟି ଫର୍ମାଟ ରେ ହୋଇଥିଲା ।ପ୍ରଥମ ଫର୍ମାଟରେ ମେଣ୍ଡିଲିପାଲି ଦଳ ପ୍ରଥମେ ବ୍ୟାଟିଂ କରି ୮୪ରନ କରିଥିଲା । ଜବାବରେ ଲୁଡୁରପଙ୍କ ଦଳ ନିର୍ଦ୍ଧାରିତ ଓଭରରେ ୮୧ ରନ କରିଥିଲା । ଦ୍ୱିତୀୟ ଫର୍ମାଟରେ ମେଣ୍ଡିଲିପାଲି ଦଳ ନିର୍ଦ୍ଧାରିତ ୪ ଓଭର ରେ ୨ ଉଇକେଟ ହରାଇ ୫୭ ରନ ସଂଗ୍ରହ କରିଥିଲା । ଜବାବରେ ଲୁଡୁରପଙ୍କ ଦଳ ନିର୍ଦ୍ଧାରିତ ୪ ଓଭରରେ ୫୨ ରନ କରିଥିଲା । ଉଭୟ ଫର୍ମାଟରେ ବିଜୟୀ ହୋଇ ମେଣ୍ଡିଲିପାଲି ଦଳ ବିଜୟୀ ହୋଇ ଚାମ୍ପିଅନ ହୋଇଥିଲା । ଉଦ୍‌ଘାଟନୀ ମ୍ୟାଚ୍‌ରେ ବଙ୍କିଆ ଓ ଲୁଡୁରପଙ୍କ ମଧ୍ୟରେ ହୋଇଥିବା ବେଳେ ଲୁଡୁରପଙ୍କ ବିଜୟୀ ହୋଇଥିଲା । ଦ୍ୱିତୀୟ ମ୍ୟାଚ୍‌ରେ ବହଳପଦରକୁ ହରାଇ ମେଣ୍ଡିଲିପାଲି ବିଜୟୀ ହୋଇଥିଲା । ତୃତୀୟ ମ୍ୟାଚ୍‌ରେ ଘିଚାପାଲିକୁ ହରାଇ କମିରା ବିଜୟୀ ହୋଇଥିଲା । ଚତୁର୍ଥ ମ୍ୟାଚ୍‌ରେ ଘଣ୍ଟରାପଡ଼ାକୁ ହରାଇ ବଡବର୍ଡ଼ାକଟା ବିଜୟୀ ହୋଇଥିଲା । ପ୍ରଥମ ସେମିଫାଇନାଲରେ କମିରାକୁ ହରାଇ ଲୁଡୁରପଙ୍କ ବିଜୟୀ ହୋଇଥିବା ବେଳେ ଦ୍ୱିତୀୟ ସେମିଫାଇନାଲରେ ବଡ଼ବର୍ଡ଼ାକଟାକୁ ହରାଇ ମେଣ୍ଡିଲିପାଲି ଦଳ ବିଜୟୀ ହୋଇ ଫାଇନାଲ ଖେଳିଥିଲା ।ପୁରସ୍କାର ବିତରଣୀ ଉତ୍ସବରେ କ୍ରିଡ଼ାବିତ ଦେବବ୍ରତ ପୁରୋହିତ, ଜ୍ଞାନରଞ୍ଜନ ମିଶ୍ର, ବିନୋଦ ଗାଇଗରିଆ, ବାସୁଦେବ ବେହେରା ଅତିଥି ଭାବେ ଯୋଗଦେଇ ଉଭୟ ଚାମ୍ପିଅନ ଓ ରନର୍ସ ଅପଦଳକୁ ଟ୍ରଫି ଓ ନଗଦ ଅର୍ଥ ରାଶି ପୁରସ୍କୃତ କରିଥିଲେ । ଅଭିଳାଷ ପୁରୋହିତ ଓ ଶ୍ରୀମନ୍ତ ଦେହୁରୀ ମ୍ୟାଚ୍ ପରିଚାଳନା କରିଥିବା ବେଳେ ରାଧାକାନ୍ତ ମିଶ୍ର ସ୍କୋରିଂ ଦାୟିତ୍ୱ ନିର୍ବାହ କରିଥିଲେ ।

## କର୍ଣ୍ଣପାଲି ନାମ ମଣ୍ଡପ ପ୍ରତିଷ୍ଠା ଉତ୍ସବ

ବୀରମହାରାଜପୁର, ୧।୪(ସମିସ):ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ବାଘମାରି ନିକଟ କର୍ଣ୍ଣପାଲି ଗ୍ରାମରେ ନବ ନିର୍ମିତ ନାମ ମଣ୍ଡପ ପ୍ରତିଷ୍ଠା ଓ ଅଷ୍ଟପ୍ରହରୀ ନାମଯଜ୍ଞ ପାଇଁ ମଙ୍ଗଳବାର କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ବାଘମାରି ଧୁବାମଣ୍ଡା ବନ୍ଧରୁ ଗଙ୍ଗା ମାତାଙ୍କୁ ବରଣକରି କଳସ ଶୋଭାଯାତ୍ରା ହୋଇଥିଲା । କର୍ତ୍ତା ଭାବରେ ସୁଦାମ ଖଣ୍ଡଗିରୀ ତାଙ୍କ ଧର୍ମ ପତ୍ନୀ ପ୍ରମୋଦିନୀ ଖଣ୍ଡଗିରୀ କାର୍ଯ୍ୟ ତୁଲାଉଥିବା ବେଳେ ପୂଜକ ଭାବରେ ପଣ୍ଡିତ ରବିଚନ୍ଦ୍ର ପୁରୋହିତ, ପ୍ରଦ୍ୟୁମ୍ନ ପୁରୋହିତ କାର୍ଯ୍ୟନିର୍ବାହ କରୁଛନ୍ତି । ଆସନ୍ତାକାଲି(ବୁଧବାର) ସକାଳ ୮ ଟାରେ ଅଷ୍ଟ ପ୍ରହରୀ ନାମଯଜ୍ଞର ଶୁଭାରମ୍ଭ ହେବ । କଳସ ଶୋଭାଯାତ୍ରାରେ ସୂର୍ଯ୍ୟ ନାରାୟଣ ପଣ୍ଡା, କୃତ୍ତିବାସ ଖଣ୍ଡଗିରୀ, ହୃଷୀକେଶ ଖଣ୍ଡଗିରୀ, ଜଗବନ୍ଧୁ ମହାକୁଡ଼, ଭୂବନ ଖଣ୍ଡ ଗିରୀ, ଚନ୍ଦନ ଷଡ଼ଙ୍ଗୀ, ଚୌଧୁରୀ କର୍ଣ୍ଣ, ଶୁକ୍ରୁ କର୍ଣ୍ଣ, ପ୍ରହଲ୍ଲାଦ ଖଣ୍ଡଗିରୀ, ଆଦିତ୍ୟ ମହାକୁଡ଼, ରଘୁ ନାଥ ଖଣ୍ଡଗିରୀ ତଥା ବାଘମାରି କର୍ଣ୍ଣପାଲି ଗ୍ରାମବାସୀ ସହଯୋଗ କରିଥିଲେ ।

## ପଞ୍ଚାୟତିରାଜ ବିଭାଗର ସ୍ୱତନ୍ତ୍ର ପ୍ରକଳ୍ପ ନିର୍ଦ୍ଦେଶକଙ୍କ ସମୀକ୍ଷା ବୈଠକ



ବୌଦ୍ଧ, ୩୧।୩ (ସମିସ): ବୌଦ୍ଧ ସର୍କିଟ ହାଉସ୍‌ରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ସ୍ୱତନ୍ତ୍ର ପ୍ରକଳ୍ପ ନିର୍ଦ୍ଦେଶକ ଜ୍ୟୋତି ପ୍ରକାଶ ଦାସ ବିଭାଗୀୟ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଛନ୍ତି । ଶ୍ରୀ ଦାସ ଭବାନୀପାଟଣାରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ବେଳେ ସର୍କିଟ ହାଉସ୍‌ରେ ଜିଲ୍ଲା ପ୍ରଶାସନ ପକ୍ଷରୁ ତାଙ୍କୁ ସ୍ୱାଗତ କରା ଯାଇଥିଲା । ସର୍କିଟ ହାଉସ୍‌ଠାରେ ସମୀକ୍ଷା ବୈଠକରେ ଜିଲ୍ଲାପାଳ ସୁବ୍ରତ ପଣ୍ଡା, ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ବୌଦ୍ଧ ବିଡିଓ ଯୁଧିଷ୍ଠିର ମେହେରଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ ।

## ପୋଷଣ ତାଲିମ ଶିବିର ଉଦ୍‌ଯାପିତ

ତରଭା, ୧।୪(ସମିସ):ସୁବର୍ଣ୍ଣପୁର ଜିଲ୍ଲା ତରଭା ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଆନୁକୂଲ୍ୟରେ ଗତ ୨୭ ତାରିଖରୁ ଆରମ୍ଭ ହୋଇଥିବା 'ପୋଷଣ ଭି ପଢ଼ାଇ ଭି'ତାଲିମ ଶିବିରର ପ୍ରଥମ ପର୍ଯ୍ୟାୟ ରବିବାର ଉଦ୍‌ଯାପିତ ହୋଇଯାଇଛି ।ତିନିଦିନିଆ ଶିବିରରେ ୧୦୦ ଜଣ ଅଙ୍ଗନବାଡିକର୍ମୀ ତାଲିମ ଗ୍ରହଣ କରିବେ । ଦ୍ୱିତୀୟ ପର୍ଯ୍ୟାୟରେ ପୁଣି ୧୦୦ ଜଣ ତାଲିମ ଗ୍ରହଣ କରିବେ ।ସିଡିପିଓ ସବିତା ଦୋରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ଜିଲ୍ଲା ପୋଷଣ ସଂଯୋଜକ ସଞ୍ଜୀବ ମିଶ୍ର ଅତିଥିଭାବେ ଯୋଗ ଦେଇଥିଲେ ।ପରିଦର୍ଶିକା ସ୍ରୋତସ୍ୱିନୀ ନାଗ ଓ ସୁନନ୍ଦା ମିଶ୍ର ତାଲିମ ପ୍ରଦାନ କରିଥିଲେ ।ପୋଷଣ ବ୍ଲକ ସଂଯୋଜକ ମହେଶ ମେହେର କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ସିଡିପିଓ ଶ୍ରୀମତୀ ଦୋରା ଧନ୍ୟବାଦ ଦେଇଥିଲେ ।ସମସ୍ତ ସୁପରଭାଇଜର ସହଯୋଗ କରିଥିଲେ ।



● ଅଭିଯୋଗର ୪ ଦିନ ବିତିଲା

# ନାବାଳିକାକୁ ଉଦ୍ଧାର କରିବାରେ ପୁଲିସ ବିଫଳ

ବିନିକା,୧।୪(ସମିସ): ନିଜ ଅଞ୍ଚଳରେ କାମ ଧନ୍ଦା ନମିଳିବାରୁ ପରିବାର ପ୍ରତିପୋଷଣ ପାଇଁ ନିଜ ଭିଟାମାଟି ଛାଡ଼ି ସୁବର୍ଣ୍ଣପୁର ଜିଲ୍ଲା ବିନିକା ବ୍ଲକ୍ ଅଞ୍ଚଳକୁ କାମ କରି ଆସିଥିଲେ ବାପ ଓ ଝିଅ। କାମ କରିବାର କିଛିଦିନ ପରେ ନାବାଳିକା ଝିଅକୁ ଜଣେ ଯୁବକ ନେଇ ଫେରାର ହେବା ନେଇ ବିନିକା ଥାନାରେ ଲିଖିତ ଅଭିଯୋଗ ହୋଇଥିଲା।ଘଟଣାର ୪ଦିନ ପରେ ବି ପୁଲିସ ନାବାଳିକାକୁ ଉଦ୍ଧାର କରିବାରେ ବିଫଳ ହୋଇଛି।ଖବର ଅନୁଯାୟୀ ବରପାଲି ଥାନା ଅନ୍ତର୍ଗତ ପଧାନପାଲି ଗ୍ରାମର ନାଭି ଦାସ(୪୪)ପରିବାର ପ୍ରତିପୋଷଣ ପାଇଁ ନିଜ ୧୪ବର୍ଷିଆ ଝିଅକୁ ସାଥିରେ ଆଣି ବିନିକା ବ୍ଲକ୍ ଭଣ୍ଡାର ପଞ୍ଚାୟତ ପାପୀଗ୍ରାମକୁ ଇଟାଭାଟିରେ ଇଟା ଗଢ଼ିବା ପାଇଁ ଆସିଥିଲେ। ଗତ ୨୮ ତାରିଖ ରାତିରେ ଜାମପାଲି ଗ୍ରାମର ଯୁବକ ବିନୋଦ ଝରା ନାବାଳିକା ନାବାଳିକକୁ ପ୍ରଲୋଭନ ଦେଖାଇ ରାତ୍ରିରେ ନେଇ ପଳାଇଯାଇଥିବା ନେଇ ନାବାଳିକା ବାପ ବିନିକା ଥାନାକୁ ଆସି ୨୯ତାରିଖରେ ଲିଖିତ ଅଭିଯୋଗ କରିଥିଲେ। ଥାନା କେସ ନଂ ୫୮ରେ ପୁଲିସ ମାମଲା ରୁଜୁ କରିଛି। ଦୀର୍ଘ ୪ ଦିନ ବିତିଯାଇ ଥିଲେ ମଧ୍ୟ ପୁଲିସ ନାବାଳିକାକୁ ଉଦ୍ଧାର କରିବାରେ ବିଫଳ ହୋଇଛି। ଝିଅର ଅଦ୍ୟାବଧି କୌଣସି ପତ୍ତା ମିଳି ନଥିବାରୁ ବାପା ତୁରନ୍ତ ଝିଅକୁ ଉଦ୍ଧାର କରିବାକୁ ଅନୁରୋଧ କରିଛନ୍ତି।

ମାରାଗୁଡା ଲୋକ ମହୋତ୍ସବ

# 'ସଂସ୍କୃତି, ସାହିତ୍ୟର କଥା କହେ ମାରାଗୁଡ଼ା ସଭ୍ୟତା'

ନୂଆପଡା,୧।୪(ସମିସ)




ଦୀର୍ଘ ବାର ବର୍ଷ ପରେ ନୂଆପଡା ଜିଲ୍ଲା ପ୍ରତିଷ୍ଠା ଦିବସରେ ମାରାଗୁଡା ଲୋକ ମହୋତ୍ସବ ପାଳନ କରାଯାଉଛି। ମଙ୍ଗଳବାର ଦିନ ଉଦ୍‌ଘାଟନୀ ଉତ୍ସବ ଅବସରରେ ମଶାଲ ଯାତ୍ରାରେ ସହର ଦୁଲୁକି ଉଠିଥିଲା।ସକାଳ ୭ଟାରୁ ସ୍ଥାନୀୟ ଜଣାଭଏଁରା ମନ୍ଦିରରୁ ମଶାଲ ଯାତ୍ରା ବାହାରିଥିବା ବେଳେ ସ୍ୱାଧୀନତା ସଂଗ୍ରାମର ମାଟି ସାଲିହାରୁ ମଧ୍ୟ ଅନ୍ୟଏକ ମଶାଲ ବାହାରିଥିଲା। ୮ଟାବେଳେ ସ୍ଥାନୀୟ ଗାୟତ୍ରୀ ମନ୍ଦିରଠାରେ ଦୁଇଟି ମଶାଲକୁ ସ୍ୱାଗତ କରାଯାଇଥିଲା। ମଶାଲ ଯାତ୍ରାକୁ ଜିଲ୍ଲାପାଳ ମଧୁସୂଦନ ଦାଶ ନିଜେ ଯୋଗ ଦେଇ ସ୍ୱାଗତ କରି ପାଛୋଟି ଆଣିଥିଲେ। କଳାହାଣ୍ଡି ପୂର୍ବତନ ସାଂସଦ ବସନ୍ତ କୁମାର ପଣ୍ଡା, ସରୋଜ କୁମାର ସାହୁ, ପ୍ରସନ୍ କୁମାର ପାଢୀ, ଅଭିନନ୍ଦନ ପଣ୍ଡା, ଅତିରିକ୍ତ ଜିଲ୍ଲାପାଳ ଭୀମଶେନ ଶବର, ସୁଭାଷ ଚନ୍ଦ୍ର ରଇତ, ଉପଜିଲ୍ଲାପାଳ ଯୋଗେନ୍ଦ୍ର ମାଝୀ, ଜିଲ୍ଲା ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଜିଲ୍ଲାପରିଷଦ ସଭ୍ୟ ଭାନୁ ମାଝୀ, ନୂଆପଡା ବ୍ଲକ୍ ଅଧକ୍ଷା ତାରେଶ୍ୱରୀ ସାହୁ, କୋମନା ବ୍ଲକ୍ ଅଧକ୍ଷା ଅନୁସୂୟା କୁମ୍ଭାର, ନୂଆପଡା ଏନଏସି ଅଧକ୍ଷ ମହମ୍ମଦ ଆଦମ,ଖଡିଆଳ ଏନ୍‌ଏସି ଅଧକ୍ଷା ପୁଷ୍ପାଞ୍ଜଳୀ ନନ୍ଦ ପ୍ରମୁଖ ଯୋଗ ଦେଇଥିଲେ।ବାଜା, ବାଣ ବଜାଇ ଘଣ୍ଟ ଶଙ୍ଖର ତାଳେ ତାଳେ ସାରା ସହର ମଶାଲ ପରିକ୍ରମା କରି ସ୍ଥାନୀୟ ମିନିଷ୍ଟାଡିୟମରେ ପହଞ୍ଚିଥିଲା।ମଶାଲକୁ ଆନୁଷ୍ଠାନିକ ଭାବେ ପୂଜାର୍ଚ୍ଚନା କରିବା ସହ ସ୍ଥାପନ କରାଯାଇଥିଲା।ମନଚ ପୂଜନ ମଧ୍ୟ ହୋଇଥିଲା।ଯାତ୍ରାରେ ଜିଲ୍ଲାପାଳ ଦାଶ,ଏସପି ଜି.ଆର. ରାଘବେନ୍ଦ୍ରଙ୍କ ସହ ସମସ୍ତ ଅଧିକାରୀ ବାଜା ବଜାଇ ନାଚିଥିଲେ। ମଧ୍ୟାହ୍ନରେ ସ୍ଥାନୀୟ ନ୍ୟାସନାଲ କଲେଜରେ ସାହିତ୍ୟ ଏକାଡେମୀ ସହ ଜିଲ୍ଲାପ୍ରଶାସନର ମିଳିତ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ କବିତା ପଠୋତ୍ସବ ଅୟୋଜିତ ହୋଇଥିଲା। ସଂଧ୍ୟାରେ ୭ଟା ବେଳେ ମାରାଗୁଡା ମନଚରେ ଉଦ୍‌ଘାଟନୀ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ଜିଲ୍ଲାପାଳ ଦାସ ଅଧକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥିଭାବେ ଜିଲ୍ଲା ପରିଷଦ ଅଧକ୍ଷା ଡ଼ଲି ମାଝୀ,ଏସପି ଜିଆର ରାଘବେନ୍ଦ୍ର, ଜିଲ୍ଲା ପରିଷଦ ସଭ୍ୟ ଅବନି ରଞ୍ଜନ ଯୋଷୀ, ସାହିତ୍ୟିକ ଡ଼.ମହେନ୍ଦ୍ର ମିଶ୍ର ପ୍ରମୁଖ ସମ୍ମାନୀତ ଅତିଥ ôଭାବେ ଯୋଗ ଦେଇଥିବା ବେଳେ ଉତ୍କଳ ସଂସ୍କୃତି ବିଶ୍ୱ ବିଦ୍ୟାଳୟ, ଭୁବନେଶ୍ୱରର କୁଳପତି ପ୍ରସନ୍ନ କୁମାର ସ୍ୱାଇଁ ମୁଖ୍ୟବକ୍ତା ଭାବରେ ଯୋଗ ଦେଇଥିଲେ। ଏହି ଅବସରରେ ମାରାଗୁଡା ସଭ୍ୟତା ଏକ ପ୍ରାଚୀନ ସଭ୍ୟତା ଏହା ଏହି ଜିଲ୍ଲା ବାସୀଙ୍କ ସଂସ୍କୃତି ଓ ସାହିତ୍ୟର କଥା କହେ ବୋଲି ମତ ପ୍ରକାଶ ପାଇଥିଲେ।ଏହି ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା।ଏଥିରେ ଜ୍ଞାନ ଜ୍ୟୋତି ବିଦ୍ୟାଳୟର ଛାତ୍ରୀଙ୍କ ଦ୍ୱାରା ପ୍ରାରମ୍ଭିକ ସଙ୍ଗୀତ ଗାନ କରାଯାଇଥିଲା।କୁରୁମପୁରୀର ଶୁଆ ନାଚ, ସେବାଶ୍ରମ ବିଦ୍ୟାଳୟ ପଲସଦା, ଗୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ବୋଡେନର ରାମକାଠି ଲୋକ ନୃତ୍ୟ ପ୍ରଦର୍ଶିତ ହୋଇଥିବା ବେଳେ ଅନ୍ତରା ଚକ୍ରବର୍ତ୍ତି ଓ ସାଥୀଙ୍କ କାର୍ଯ୍ୟକ୍ରମ ବିଶେଷ ଆକର୍ଷଣ ଥିଲା।



● ବନ୍ଦ ପଡ଼ିଛି ସିନେମା ହଲ୍

# ନାଟକ ପରିବେଷଣ ପାଇଁ ନାହିଁ ମଞ୍ଚ

ସୋନପୁର,୧।୪(ସମିସ):୧୯୯୩ ଏପ୍ରିଲ ପହିଲାରେ ସୁବର୍ଣ୍ଣପୁର ଜିଲ୍ଲା ଗଠନ ହୋଇଥିଲା। ଜିଲ୍ଲାରେ ଓଡିଶାର ପୁରାତନ ପୌର ସଂସ୍ଥା ସୋନପୁର ସହ ତରଭା ଏବଂ ବିନିକା ଦୁଇଟି ଏନ୍‌ଏସି ରହିଛି। ଜିଲ୍ଲା ଗଠନର ୩୨ ବର୍ଷ ପରେ ମଧ୍ୟ ସିନେମା ହଲ୍‌ରେ ବସି ସିନେମା ଦେଖିବା ପାଇଁ ଜିଲ୍ଲାବାସୀଙ୍କ ପାଇଁ ସୁଯୋଗ ନାହିଁ।କାରଣ ଜିଲ୍ଲା ସଦର ମହକୁମାରେ




ଥିବା ଏକମାତ୍ର ସିନେମା ହଲ୍ ବହୁ ଦିନ ହେଲା ବନ୍ଦ ହୋଇ ପଡିରହିଛି। କେବଳ ସିନେମା ହଲ୍‌ର ଅଭାବ ଅଛି ତାହା ନୁହେଁ ଏଠାରେ ନାଟକ ମଞ୍ଚସ୍ଥ କରିବାକୁ ପ୍ରେକ୍ଷାଳୟ ଟିଏ ନାହିଁ।ଏନେଇ ସରକାରୀସ୍ତରରେ କୌଣସି ଉଦ୍ୟମ ହେଉ ନଥିବା ଅଭିଯୋଗ ହୋଇଛି।ସୋନପୁରରେ ସିନେମା ହଲ୍ ନଥିବାରୁ ଲୋକେ ବଲାଙ୍ଗିର କିମ୍ବା ସମ୍ବଲପୁର ଯାଇ ସିନେମା ଦେଖୁଛନ୍ତି। ସବ୍ୟସାଚୀ ମହାପାତ୍ରଙ୍କ ସଲାବୁଡା ହେଉ କିମ୍ବା ଆଦିମ ବିଚାର, ସ୍ଥାନୀୟ କଳାକାରଙ୍କ ଅଭିନୀତ ଶତ୍ରୁ, ଖରା ଭଳି ଫିଲ୍ମ ଦେଖିବା ପାଇଁ ସ୍ଥାନୀୟ ଲୋକଙ୍କୁ ଅନ୍ୟ ସହରକୁ ଯିବା ପାଇଁ ପଡୁଛି।ଏହା ସିନେମା ପ୍ରିୟ ଲୋକଙ୍କୁ ଖୁବ୍ ବାଧୁଛି। ସଚେତନ ନାଗରିକ ମଞ୍ଚର ସଭାପତି ସୀତାଂଶୁ ମିଶ୍ର କହିଛନ୍ତି କଳା ସଂସ୍କୃତିର ସହର ସୋନପୁରରେ ସିନେମା ହଲ୍ ବନ୍ଦ ହୋଇ ପଡିଛି। ଏଭଳି ବହୁ ସ୍ଥାନରେ ସମାନ ସମସ୍ୟା। ତେବେ ଏଭଳି ସ୍ଥଳେ ଭଲ ସିନେମାକୁ ମଧ୍ୟ ବ୍ୟବସାୟିକ ସଫଳତା ମିଳି ପାରୁନାହିଁ।ତେଣୁ ସରକାରୀସ୍ତରରେ ସୋନପୁରରେ ଏକ ଉନ୍ନତମାନର ପ୍ରେକ୍ଷାଳୟ ସହ ଏକ ସିନେମା ହଲ୍ ନିର୍ମାଣ ପାଇଁ ସେ ଦାବି କରିଛନ୍ତି।କରୋନା ପରଠାରୁ ସୋନପୁରର ଏକମାତ୍ର ସିନେମା ହଲ ସମଲେଇ ଟକିଜ୍ ବନ୍ଦ ହୋଇ ପଡିଛି। ସୋନପୁରିଆଙ୍କ ପାଇଁ ଏବେ ସିନେମା ହଲ୍‌ରେ ଫିଲ୍ମ

## ସରକାରୀସ୍ତରରେ ହେଉନି ଉଦ୍ୟମ

ଦେଖିବା ସ୍ୱପ୍ନ ହୋଇଗଲାଣି। ତେବେ ପଇସା ଥିଲା ଲୋକଙ୍କ ପାଇଁ ଅସୁବିଧା ନାହିଁ ସମ୍ବଲପୁର ଯାଇ ମଲ୍ଟିପ୍ଲେକ୍ସରେ ସିନେମା ଦେଖୁଛନ୍ତି।ଅଭାବୀ ଲୋକଙ୍କ ପାଇଁ ସମଲେଇ ଟକିଜ୍ ବନ୍ଦ ପରେ ସିନେମା ହଲ୍‌ରେ ଫିଲ୍ମ ଦେଖିବା ଭାଗ୍ୟରେ ଜୁଟୁ ନାହିଁ।ଆଗରୁ ପର୍ବ ପର୍ବାଣୀ ସମୟରେ ଓଡିଆ ସିନେମା ପଡୁଥିବାରୁ ବନ୍ଧୁ ବାନ୍ଧବଙ୍କ ସହ ସପରିବାର ସମଲେଇ ଟକିଜକୁ ଲୋକେ ଫିଲ୍ମ ଦେଖିବାକୁ ଯାଉଥିଲେ। ପୂଜା ସମୟରେ ଶଗଡ ଗାଡିରେ ବିଭିନ୍ନ ଗାଁରୁ ସପରିବାର ସିନେମା ଦେଖିବାକୁ ଆସୁଥିଲେ।ତେବେ ସ୍ଥାନୀୟ ଲୋକଙ୍କ ସିନେମା ପ୍ରତି ଥିବା ରଚିକୁ ଦେଖି ପ୍ରଥମେ ବସଷ୍ଟାଣ୍ଡ ନିକଟରେ ଏକ ଅସ୍ଥାୟୀ ସିନେମା ହଲ୍ ରାଜା ପ୍ରତିଷ୍ଠା କରିଥିଲେ।ଏଠାରେ ସ୍ୱତନ୍ତ୍ର ସୋ ଆୟୋଜିତ ହେଉଥିଲା।ଏତେ ସିନେମା ପ୍ରିୟ ବସବାସ କରୁଥିବା ସହରରେ ସିନେମା ହଲ୍ ନଥିବାରୁ ସ୍ଥାନୀୟ ଲୋକେ କ୍ଷୋଭ ପ୍ରକାଶ କରିଛନ୍ତି।

## ଆମସେନା ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



ନୂଆପଡ଼ା,୧।୪(ସମିସ): ନୂଆପଡ଼ା ବ୍ଲକ୍ ଅଧୀନ ଡୁମେର ପାଣି କ୍ଲଷ୍ଟର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଆମସେନାରେ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ପ୍ରତିମା ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଉତ୍ସବ ଆୟୋଜିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଚୈତରାମ ନାଏକ, ମୁଖ୍ୟବକ୍ତା ପୂର୍ବତନ ସରପଞ୍ଚ ସଦାନନ୍ଦ ସାହୁ, ଡୁମେରପାଣି ସିଆରସିସି ଅମିୟ ଜ୍ୟୋତି ପାଢ଼ୀ, ଭାରପ୍ରାପ୍ତ ଖରୀଆରରୋଡ ସିଆରସିସି ଗୋପାଳ ଚନ୍ଦ୍ରକାର, ପରିଚାଳନା କମିଟିର ଅଧ୍ୟକ୍ଷ ଲେଶରାମ ସାହୁ, ୱାର୍ଡମେମ୍ବର ରେଖା ସାହୁ ଓ ମିନାକ୍ଷୀ ସାହୁ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ସିଆରସିସି ପାଢ଼ୀ ଓ ପ୍ରଧାନଶିକ୍ଷୟିତ୍ରୀଙ୍କୁ ଛାତ୍ରଛାତ୍ରୀ ସମ୍ବର୍ଦ୍ଧନା ଜଣାଇଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶିକ୍ଷକ ରଜନୀକାନ୍ତ ସେଠୀ ମଞ୍ଚ ପରିଚାଳନା କରିଥିବା ବେଳେ ଶିକ୍ଷୟିତ୍ରୀ ସରୋଜିନୀ ସେଠୀ, ଗ୍ରାମବାସୀ ଓ ପରିଚାଳନା କମିଟିର ସଦସ୍ୟଙ୍କ ସହଯୋଗରେ କାର୍ଯ୍ୟକ୍ରମ ସଫଳ ହୋଇଥିଲା। ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରଧାନଶିକ୍ଷୟିତ୍ରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ବୀରମହାରାଜପୁର,୧।୪(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ସହର ଉପକଣ୍ଠ ଝାରକୁମୁଣ୍ଡା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ସୋମବାର ବିଦାୟକାଳୀନ ସମ୍ବର୍ଦ୍ଧନା ପର୍ବ ଅନୁଷ୍ଠିତ ହୋଇଯାଇଛି। ସ୍କୁଲ ପରିଚାଳନା କମିଟିର ସଭାପତି ଗୋପାଳ ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଚକାବର କ୍ଲଷ୍ଟର ସିଆର୍‌ସିସି ନାରାୟଣ ବେହେରା ମୁଖ୍ୟଅତିଥି ଭାବରେ ଯୋଗଦେଇ ଥିଲେ। ପ୍ରଧାନଶିକ୍ଷୟିତ୍ରୀ ପଦ୍ମଲତା ପଣ୍ଡା ଝାରକୁମୁଣ୍ଡା ସ୍କୁଲରେ ୨୦୦୫ରେ ସହକାରୀ ଶିକ୍ଷକ ଭାବରେ ଯୋଗଦେଇ ୨୦୧୨ରୁ ପ୍ରଧାନ ଶିକ୍ଷୟିତ୍ରୀ ଭାବରେ ଦାୟିତ୍ୱ ନିର୍ବାହ କରି ଅବସର ନେଇଛନ୍ତି।ତାଙ୍କର ଅବସରପ୍ରାପ୍ତ ଜୀବନ ସୁଖମୟ କାମନା କରି ସଭାର ଆୟୋଜନ କରିଥିଲେ।ସଭାରେ ସହକାରୀ ଶିକ୍ଷକ ସଞ୍ଜୀବ କୁମାର ମେହେର ,ସ୍କୁଲର ପାଚକ ପାଚିକା ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।



## ଅଷ୍ଟପ୍ରହର ନାମଯଜ୍ଞ ପାଇଁ କଳସ ଶୋଭାଯାତ୍ରା



ସୁବଳୟା,୧।୪(ସମିସ):ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ୍ ଖଣ୍ଡହତା ପଞ୍ଚାୟତ ଅନ୍ତର୍ଗତ ବୁଠିପଦରରେ ଅଷ୍ଟପ୍ରହରୀ ନାମଯଜ୍ଞ ପାଇଁ ମଙ୍ଗଳବାର କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସକାଳୁ ସୁରୁବାଲି ଯୋରରେ ଗଙ୍ଗାମାତାଙ୍କୁ ଆବାହନ କରି ପୂଜାର୍ଚ୍ଚନା ପରେ ଶତାଧିକ ମହିଳା ପୁରୁଷ ଜଳପୂର୍ଣ୍ଣ କଳସି ଧରି ପଣ୍ଡୁଆ ଓ ବୁଠିପଦର ଗ୍ରାମ ପରିକ୍ରମା କରି ନାମ ମଣ୍ଡପରେ କଳସ ସ୍ଥାପନ କରିଥିଲେ।ପୂଜକ ସିତାରାମ ପାଢ଼ୀ ପୂଜା କାର୍ଯ୍ୟ ତୁଲାଇଥିବା ବେଳେ ସଞ୍ଜୀବ ପଧାନ ଧର୍ମପତ୍ନୀ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ଶୋଭାଯାତ୍ରାକୁ ଇନ୍ଦ୍ରଜିତ ପଧାନ,ପ୍ରମୋଦ ପଣ୍ଡା ,ଜିତେନ୍ଦ୍ର ପଣ୍ଡା, ନରେନ୍ଦ୍ର ରାଉତ, ଶୁକ୍ରରୁ ସେଠୀ ପ୍ରମୁଖ ପରିଚାଳନା କରିଥିବା ବେଳେ ଗ୍ରାମବାସୀ ସହଯୋଗ କରିଥିଲେ।

# ଓଡ଼ିଶା ଦିବସ ପାଇଁ ସବୁଠି ଉତ୍ସାହ

ସୋନପୁର,୧।୪(ସମିସ):ସୁବର୍ଣ୍ଣପୁର ନୂତନ ଟାଉନ ହଲ୍‌ରେ ଜିଲ୍ଲାସ୍ତରୀୟ ଓଡିଶା ଦିବସ ଓ ଜିଲ୍ଲା ପ୍ରତିଷ୍ଠା ଦିବସ ପାଳିତ ହୋଇ ଯାଇଛି। ଜିଲ୍ଲା ପ୍ରଶାସନ ତରଫରୁ ସହରର ବିଭିନ୍ନ ଛକ ତଥା କାର୍ଯ୍ୟାଳୟରେ ଓଡିଶାର ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନଙ୍କ ପୌରାହିତ୍ୟରେ ଅନୁଷ୍ଠିତ ସମାରୋହରେ ମୁଖ୍ୟଅତିଥି ଭାବରେ ସୁବର୍ଣ୍ଣପୁର ଜିଲ୍ଲାପାଳ ଅନ୍ୟା ଦାସ ,ସମ୍ମାନିତ ଅତିଥି ଭାବରେ ଜିଲ୍ଲା ବନଖଣ୍ଡ ଅଧିକାରୀ ମଦନଲାଲ ଶର୍ମା, ଉପଜିଲ୍ଲାପାଳ ଡ. ସୌମ୍ୟା ରୁପା ରଥ ପ୍ରମୁଖ ଯୋଗଦେଇ ଥିଲେ। ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଲେଖକ ତଥା ଐତିହାସିକ ସୁଦାମ ନାଏକ ଯୋଗଦାନ କରିଥିଲେ। ଅତିଥି ବୃନ୍ଦ ସ୍ୱତନ୍ତ୍ର ଓଡିଶା ଗଠନ ସହ ଜିଲ୍ଲା ଗଠନର ସ୍ମୃତିଚରଣ କରି ଜିଲ୍ଲା ଓ ସମୃଦ୍ଧ ଓଡିଶା ଗଠନ ପାଇଁ ଆବଶ୍ୟକ



ଯୋଗଦାନ ପାଇଁ ସମସ୍ତେ ଆଗେଇ ଆସିବାକୁ ଆହ୍ୱାନ କରିଥିଲେ।ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଜିଲ୍ଲା ପଞ୍ଚାୟତ ଅଧିକାରୀ ଅର୍ଜୁନ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ସରକାରୀ ବାଳିକା ହାଇସ୍କୁଲ, ଆଦର୍ଶ ବିଦ୍ୟାଳୟ,ଶିଶୁ ବିଦ୍ୟାମନ୍ଦିର ଓବଡବଜାର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ଦ୍ୱାରା ଦେଶାତ୍ମବୋଧକ ନୃତ୍ୟ ପରିବେଷଣ କରଯାଇଥିଲା। ଓଡିଶାର ବରପୁତ୍ର ତଥା ଓଡିଶା ଗଠନର ଐତିହ୍ୟ ସହ ରାଷ୍ଟ୍ରପତି, ଉପରାଷ୍ଟ୍ରପତି, ରାଜ୍ୟପାଳ, ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ଆଦିକୁ ନେଇ ଫଟୋ ପ୍ରଦର୍ଶନୀ ଟାଉନ ହଲ ପରିସରରେ ଅନୁଷ୍ଠିତ ହୋଇଥିଲା। ଜିଲ୍ଲାପାଳ କଚେରୀ ଛକରେ ନବ ନିର୍ମିତ ଶୌଚାଳୟର ଲୋକାର୍ପଣ ସହ ଫକୀର ପଟ୍ଟନାୟକ ଛକ ଓ ନୂତନ ଟାଉନ ହଲ ପରିସରରେ ନିର୍ମଳ ଜଳ ଧାରାର ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ। ଏହି ଅବସରରେ ପୌରପରିଷଦ ଅଧକ୍ଷା ତାମସୀ ତାମସ୍ମିତା ନାୟକ, ସ୍ଥାନୀୟ କାଉନସିଲର ବୃନ୍ଦ ସହ ନିର୍ବାହୀଅଧିକାରୀ ଋଷି କୁମାର ମାଝୀ, ବିଭାଗୀୟ ଯନ୍ତ୍ରୀ, କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଅବସରରେ ମୁଖ୍ୟଅତିଥି ତଥା ଅନ୍ୟାନ୍ୟ ଅତିଥି ବୃନ୍ଦ ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ଦ୍ୱାରା ସାନଝିଙ୍କି ଠାରେ ଥିବା ବୃଦ୍ଧାଶ୍ରମର ଅନ୍ତେବାସୀଙ୍କୁ ଖାଦ୍ୟ ବଣ୍ଟନ କରିଥିଲେ। ସେହିପରି ଜିଲ୍ଲା ସମାଜ ମଙ୍ଗଳ ବିଭାଗ ଦ୍ୱାରା ପରିଚାଳିତ ପେଲେସ ଗାର୍ଡେନସ୍ଥିତ ସ୍ୱଧାର ଗୃହର ଅନ୍ତେବାସିନୀଙ୍କୁ ବସ୍ତ୍ର ବଣ୍ଟନ କରାଯାଇଥିଲା। ଏହି ଉପଲକ୍ଷେ ଜିଲ୍ଲା ଶିକ୍ଷା ବିଭାଗର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରଯାଇଥିଲା।

**ନୂଆପଡା:** ନୂଆପଡା ଜିଲ୍ଲା ସଦର ମହକୁମାରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ତଥା ଜିଲ୍ଲା ପ୍ରଶାସନ ତରଫରୁ ଓଡ଼ିଶା ଦିବସ ତଥା ଜିଲ୍ଲା ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ସ୍ଥାନୀୟ ନ୍ୟସନାଲ ହାଇସ୍କୁଲ ପ୍ରାଙ୍ଗଣରେ ଅନୁଷ୍ଠିତ ସମାରୋହରେ ମୁଖ୍ୟଅତିଥି ଭାବରେ ମଧୁସୂଦନ ଦାଶ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ଜିଲ୍ଲା ପରିଷଦ ଅଧକ୍ଷା ଡଲି ମାଝୀ, ପୂର୍ବତନ ସାଂସଦ ବସନ୍ତ ପଣ୍ଡା,ଅତିରିକ୍ତ ଜିଲ୍ଲାପାଳ ଭୀମସେନ ଶବର,ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ,ଜିଲ୍ଲା ପରିଷର ସଦସ୍ୟ ଭାନୁ ପ୍ରତାପ ସିଂ ମାଝୀ,ମାଲ୍ୟବନ୍ତ ସୁନା, ବରିଷ୍ଠ ଆଇନଜୀବି ପ୍ରସନ୍ନ ପାଢ଼ୀ,ପ୍ରସନ୍ନ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବରେ ସିବୁସି ଚେୟାରମ୍ୟାନ ତଥା ବିଶିଷ୍ଟ ଶିକ୍ଷାବିତ୍ ଫଣିନ୍ଦମ୍ ଦେଓ ଯୋଗ ଦେଇଥିଲେ।ଓଡ଼ିଶା ନିର୍ମାଣର ବିନ୍ଧାଣୀ ମହାପୁରୁଷଙ୍କ ଫୋଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ନ୍ୟାସନାଲ



ହାଇସ୍କୁଲର ଛାତ୍ରୀମାନେ ବନ୍ଦେ ଉତ୍କଳ ଜନନୀ ପରିବେଷଣ କରିଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିଲେ। ଅତିଥି ମାନେ ଓଡ଼ିଶା ନିର୍ମାଣରେ ଏବଂ ନୂଆପଡା ଜିଲ୍ଲା ନିର୍ମାଣରେ ମହାପୁରୁଷଙ୍କ ଅବଦାନ ସ୍ମରଣ କରି ସେମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ମୁଖ୍ୟ ଅତିଥି ଜିଲ୍ଲାପାଳ କହିଲେଯେ ଯଦିଓ ନୂଆପଡା ସୀମାନ୍ତବର୍ତ୍ତି ରାଜ୍ୟ ସହିତ ସଂଲଗ୍ନ ହୋଇଛି ତଥାପି ଏହି ଅଞ୍ଚଳର ସ୍ୱଭିମାନୀ ଓଡ଼ିଆମାନେ ଓଡ଼ିଶା ସହିତ ମିଶିବା ପାଇଁ ଦୃଢ଼ ନିଷ୍ପତ୍ତି ନେଇଥିଲେ। ଏହା ଏକ ସୀମାନ୍ତ ଅଞ୍ଚଳ ନୁହେଁ ବରଂ ଏକ ସମ୍ଭ୍ରାନ୍ତ ଅଞ୍ଚଳ। ଏହାର ସମୁଚିତ ବିକାଶ ପାଇଁ ପ୍ରଶାସନ ଦୃଢ଼ ପରିକର।ଏହି ଅବସରରେ ଦିବସ ପାଳନ ପାଇଁ ହୋଇଥିବା ପ୍ରତିଯୋଗୀତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ନ୍ୟସନାଲ ହାଇସ୍କୁଲ୍ ଓ ସାଲେଭଟା ୟୁପି ସ୍କୁଲ୍‌ର ଛାତ୍ରଛାତ୍ରୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ରାଜସ୍ୱ ସହାୟକ ବିଭୁଦତ୍ତ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ସଭାରେ ଜିଲ୍ଲାର ଗନ୍ୟମାନ୍ୟ ବ୍ୟକ୍ତି ବିଶେଷ ସହ ଶହ ଶହ ସଂଖ୍ୟାରେ ଛାତ୍ରଛାତ୍ରୀ ଓ ଜନସାଧାରଣ ଯୋଗ ଦେଇଥିଲେ।

## ବୀରମହାରାଜପୁର ଉପଖଣ୍ଡସ୍ତରୀୟ

**ବୀରମହାରାଜପୁର/ସୁବଳୟା:** ବୀରମହାରାଜପୁରରେ ଉପଖଣ୍ଡସ୍ତରୀୟ ଓଡିଶା ଦିବସ ପାଳିତ ହୋଇଯାଇଛି।ମଙ୍ଗଳବାର ପୂର୍ବାହ୍ନ ୧୦ ଘଣ୍ଟା ସମୟରେ ସ୍ଥାନୀୟ ମୈତ୍ରୀ ସଦନରେ ସାଧାରଣ ସଭା ଉପଖଣ୍ଡ ପ୍ରଶାସନ ଦ୍ୱାରା ଆୟୋଜିତ ହୋଇଯାଇଛି।ପୌରୋହିତ୍ୟ କରିଥିଲେ ଡେପୁଟି କଲେକ୍ଟର ଶୁଭମ୍ ସୁଭାଷିସ ଶତପଥୀ।ମୁଖ୍ୟଅତିଥି ଭାବେ ଉପଖଣ୍ଡ ପୁଲିସ ଅଧିକାରୀ ହେମନ୍ତ କୁମାର ରାଓ, ମୁଖ୍ୟବକ୍ତା ଭାବେ ବୀରମହାରାଜପୁର କଲେଜ ଅଧ୍ୟକ୍ଷ ଡ.ହିମାଂଶୁ ଶେଖର ପାଢ଼ୀ,ସମ୍ମାନିତ ବକ୍ତାଭାବେ ଶିକ୍ଷାବିତ୍ ଭୂଷଣ କୁମାର ପାତ୍ର,ବିଶିଷ୍ଟ ଅତିଥି ବୀରମହାରାଜପୁର ତହସିଲଦାର ସଚିସ୍ମିତା ପାଣିଗ୍ରାହୀ,ସମ୍ମାନିତ ଅତିଥି ଭାବେ ଆସିଷ୍ଟାଣ୍ଟ କଲେକ୍ଟର ନରେନ୍ଦ୍ର କୁମାର ଭୋଇ,ସାମ୍ବାଦିକ ସଂଘର ସଭାପତି ସ୍ୱୟମ୍ଭୁନାଥ ଖଣ୍ଡଗିରୀ ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରଥମେ ପଞ୍ଚାୟତ ସମିତି ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀଙ୍କ ଦ୍ୱାରା ବନ୍ଦ ଉତ୍କଳ ଜନନୀ ସଙ୍ଗୀତ ପରିବେଷଣ କରାଯିବା ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା।ସଭା ଚାଲିଥିବା ବେଳେ କୋଶଳ ସମନ୍ୱୟ ସମିତିର ଆବାହକ କିଶୋର ହୋତା,ସଦସ୍ୟ ଆଇନ୍‌ଜୀବୀ ଆଶ୍ରୟ ମହାନନ୍ଦ,ନୀଳ କମଳ ମିଶ୍ର,ବ୍ରଜ ଗୋପାଳ ପଣ୍ଡା,ପୃଥ୍ୱୀରାଜ ଜଗଦଲା ପ୍ରମୁଖ ଓଡିଶା ଦିବସକୁ ବିରୋଧ କରି ସଭାଗୃହରେ କୋଶଳ ନାରାବାଜି କରିଥିବାର ଦେଖାଯାଇଥିଲା। ଏଥିପାଇଁ କିଛି ସମୟ ସଭାକାର୍ଯ୍ୟରେ ବାଧା ସୃଷ୍ଟି ହୋଇଥିଲା।ସଭାକାର୍ଯ୍ୟକୁ କବି ଲକ୍ଷ୍ମୀନାରାୟଣ ସାହୁ ସଂଯୋଜନା କରିଥିଲା ବେଳେ ସୂଚନା ଓ ଲୋକ ସମ୍ପର୍କ ବିଭାଗର ପ୍ରିୟଦର୍ଶୀ ଅଶୋକ ମୋହନ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।



## ଯୋଗ ସମିତି

**ବୀରମହାରାଜପୁର:** ଭାଷା ଭିତ୍ତିରେ ରାଜ୍ୟଗଠନ ହେବାରେ ଓଡ଼ିଶା ହେଉଛି ଭାରତରେ ପ୍ରଥମ ରାଜ୍ୟ। ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ କରିବା ପାଇଁ ମଧୁସୂଦନ ଦାସ, ଫକୀର ମୋହନ ସେନାପତି,ଗୋପବନ୍ଧୁ ଦାସ, ନୀଳକଣ୍ଠ ଦାସ,ଗଙ୍ଗାଧର ମେହେର,ରାଧାନାଥ ରାୟ, ବାସୁଦେବ ସୁଢଳ ଦେବ,ଓ କୃଷ୍ଣଚନ୍ଦ୍ର ଗଜପତିଙ୍କ ଚେଷ୍ଟାରେ ଆନ୍ଦୋଳନ ତେଜିଥିଲା। ଛଅଟି ଜିଲ୍ଲା କଟକ, ପୁରୀ, ବାଲେଶ୍ୱର, ସମ୍ବଲପୁର, କୋରାପୁଟ ଓ ଗଞ୍ଜାମ କୁ ନେଇ ଓଡ଼ିଶା ଗଠନ କରାଯାଇଥିଲା ବୋଲି ଓଡ଼ିଶା ଦିବସ ପାଳନ ତଥା ସୁବର୍ଣ୍ଣପୁର ଜିଲ୍ଲା ପ୍ରତିଷ୍ଠା ଦିବସ ପାଳନ ଅବସରରେ ହୋଇଥିବା ସଭାରେ ମୁଖ୍ୟ ଆଲୋଚ୍ୟ ପ୍ରସଙ୍ଗ ଥିଲା। ମଙ୍ଗଳବାର ଯୋଗ ମଣ୍ଡପରେ ଯୋଗ ସମିତି ଦ୍ୱାରା ଆୟୋଜିତ ସଭାରେ ଯୋଗାଚାର୍ଯ୍ୟ ଡ.ଦ୍ୱିତୀକୃଷ୍ଣ ପଣ୍ଡା ସଭାପତିତ୍ୱ କରିଥିବାବେଳେ ଯୋଗୀ ସନ୍ନ୍ୟାସୀ ଶତପଥୀ,ରାଜେଶ ପାଣିଗ୍ରାହୀ,ଜୟ କୁମାର ତ୍ରିପାଠୀ,ଯୁଗଳ କିଶୋର ମିଶ୍ର,ଶଙ୍କର ମେହେର,ଲବ ମେହେର, ହିମାଂଶୁ ସାହୁ,ଶମ୍ଭୁ ଭୂଷଣ ମେହେର,ସୁରେଶ ମେହେର, କୃଷ୍ଣଚନ୍ଦ୍ର ମହାକୁର,ରାଧାକାନ୍ତ ବାଘ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।



● ଏଫଆରସିସି

**ତରଭା:** ଏଫଆରସିସି ଠାରେ ଓଡିଶା ଦିବସ ପାଳିତ ହୋଇଛି।ଅନୁଷ୍ଠାନର ସଭାପତି ଶୈଳେନ୍ଦ୍ର କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ହରିବନ୍ଧୁ ପାଣିଗ୍ରାହୀ,ଦେବେନ୍ଦ୍ର ବିଜୟ ସାହୁ, ଅକ୍ଷୟ କୁମାର ବାଘ, ଧୀରେନ୍ଦ୍ର ବିଜୟ ସାହୁ, ପ୍ରଦୀପ ମାହାଣା,ଦେବେନ୍ଦ୍ର କୁମାର ନାଏକ,ରଞ୍ଜନ କୁମାର ସାହୁ,କ୍ଷେତ୍ରବାସୀ ସାହୁ ପ୍ରମୁଖ ଆଧୁନିକ ଓଡ଼ିଶାର ନିର୍ମାତା ଉତ୍କଳ ଗୌରବ ମଧୁସୂଦନ ଦାସ,ଉତ୍କଳମଣି ଗୋପବନ୍ଧୁ ଦାସ,ସ୍ୱଭାବ କାବି ଗଙ୍ଗାଧର ମେହେର, ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ,ବ୍ୟାସକବି ଫକୀର ମୋହନ ସେନାପତି,କର୍ମବୀର ଗୌରୀଶଙ୍କର ରାୟଙ୍କ ସ୍ମୃତିଚାରଣ କରିବା ସହ ସେମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳିଜ୍ଞାପନ କରିଥିଲେ।ପ୍ରାରମ୍ଭରେ ମହାପୁରୁଷଙ୍କ ଫଟୋ ଚିତ୍ରରେ ପ୍ରଦୀପ ପ୍ରଜ୍ୱଳନ ପରେ ସଭାପତି ଶ୍ରୀ ସାହୁ ସ୍ୱାଗତ ଭାଷଣ ଓ ଉଦ୍ଦେଶ୍ୟଜ୍ଞାପନ କରିଥିଲେ।ଶେଷରେ ଧୀରେନ୍ଦ୍ର ବିଜୟ ସାହୁ ଧନ୍ୟବାଦ ଦେଇଥିଲେ।



